POSTAL REGISTRATION NO.- PURI/45/2025-27

RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA



Visit our website: sssoochanaenewspaper.in

/shreeshrikshetrasoochana /ssoochana +91 94370 58632

VOLL : 4 ❖ ଚତୁର୍ଥ ବର୍ଷ | ISSUE : XII ❖ ଦ୍ୱାଦଶ ସଂଖ୍ୟା | DECEMBER : 2025 ❖ ଡିସେମ୍ବର ୨୦୨୫ | PURI ❖ ପୁରୀ | PAGE : 8 ❖ ପୃଷ୍ଠା : ୮ | RS.10 ❖ ମୂଲ୍ୟ:ଟ୧୦.୦୦

## ସଂପାଦକୀୟ

### ଶାସ୍ତ୍ର ବନାମ ସୁବିଧା: ରଥଯାତ୍ରାର ତିଥି ନେଇ ଅନୁଶାସନ ଅବହେଳା ଗ୍ରହଣୀୟ ନୁହେଁ



ଶ୍ରୀଜଗନ୍ନାଥ ସଂସ୍କୃତି ଭାବାବେଗର ବିଷୟ ନୁହେଁ, ଏହା ଶାସ୍ତ୍ର, ପରମ୍ପରା ଓ ଶତାବ୍ଦୀ ପୁରୁଣା ନୀତିକାନ୍ତିରେ ଆଧାରିତ ଏକ ସଜୀବ ସଭ୍ୟତା। ଏହି ସଭ୍ୟତାର ସର୍ବୋଚ୍ଚ ଓ ସର୍ବାଧିକ ଲୋକସଂଲଗ୍ନ ପର୍ବ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଏହା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ଓଡ଼ିଆ ଅସ୍ମିତା, ସାଂସ୍କୃତିକ ସ୍ୱାଧୀନତା ଓ ପରମ୍ପରାଗତ ଅଧିକାରର ଏକ ପ୍ରକଟ ଘୋଷଣା। ସେହିପରିପ୍ରେକ୍ଷିତରେ ଇସ୍କନ ଦ୍ୱାରା ବିଶ୍ୱବ୍ୟାପୀ ଭାବେ ରଥଯାତ୍ରା ଓ ସମ୍ପୃକ୍ତ ସମସ୍ତ ନୀତିକାନ୍ତିକୁ ପୁରୀ ଶ୍ରୀମନ୍ଦିରର ପାରମ୍ପରିକ ତିଥି ଅନୁଯାୟୀ ପାଳନ କରିବା ନିଷ୍ପତ୍ତି ଏକ ସାଧାରଣ ଘୋଷଣା ନୁହେଁ, ବରଂ ଏକ ଦୃଢ଼ ଓ ସମୟୋଚିତ ସଂସ୍କୃତିକ ଅବସ୍ଥାନ।

ଶ୍ରୀଜଗନ୍ନାଥ ମହାପ୍ରଭୁ କୌଣସି ସାଧାରଣ ଦେବତା ନୁହନ୍ତି — ସେ ଏକ ଶାସ୍ତ୍ର-ନିୟମିତ, ଆଗମାନୁସାରୀ, ଅଟୁଟ ପରମ୍ପରାର ଦେବତା। ତେଣୁ ଶ୍ରୀଜଗନ୍ନାଥଙ୍କ ସହ ଜଡିତ କୌଣସି ନୀତି, ବିଶେଷକରି ସ୍ନାନଯାତ୍ରା ଓ ରଥଯାତ୍ରା ପରି ମହାନୀତି, "ସୁବିଧା", "ଭୌଗୋଳିକ ଅନୁକୂଳତା" କିମ୍ବା "ସଂଗଠନୀୟ ନିଷ୍ପତ୍ତି" ଆଧାରରେ ନିର୍ଦ୍ଧାରିତ ହୋଇପାରେ ନାହିଁ। ଏହା ଶାସ୍ତ୍ରରେ ନିର୍ଦ୍ଦିଷ୍ଟ, ପରମ୍ପରାରେ ସ୍ଥାପିତ ଏବଂ ଶ୍ରୀମନ୍ଦିର ପରିଚାଳନା ଦ୍ୱାରା ଅନୁମୋଦିତ।

ଦୀର୍ଘ ସମୟ ଧରି ଏହି ପ୍ରଶ୍ନ ଉଠୁଥିଲା ଯେ ବିଶ୍ୱର ବିଭିନ୍ନ ଦେଶରେ ରଥଯାତ୍ରା ପାଳନ କରାଯାଉଥିବା ସମୟରେ ତିଥି, ନୀତି ଓ ପରମ୍ପରାରେ ଯେଉଁ ଭିନ୍ନତା ଦେଖାଯାଉଛି, ତାହା କେତେ ଦୂର ଗ୍ରହଣୀୟ। ପଞ୍ଜିକାର ସୁବିଧା, ସ୍ଥାନୀୟ ପରିସ୍ଥିତି କିମ୍ବା ପ୍ରଶାସନିକ ସହଜତା ନାମରେ ଯଦି ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିର ମୂଳ ଆଧାରକୁ ଅବହେଳା କରାଯାଏ, ତେବେ ତାହା କେବଳ ଧାର୍ମିକ ବିକୃତି ନୁହେଁ, ସଂସ୍କୃତିକ ଅନ୍ୟାୟ ମଧ୍ୟ। ଏହି ସତ୍ୟକୁ ଇସ୍କନ ଅବଶେଷରେ ସ୍ୱୀକାର କରିଥିବାଟା ନିଶ୍ଚୟ ସ୍ୱାଗତଯୋଗ୍ୟ।

ରଥଯାତ୍ରାର ତିଥି କୌଣସି ସାଧାରଣ କ୍ୟାଲେଣ୍ଡର ନିଷ୍ପତ୍ତି ନୁହେଁ। ଏହା ସ୍ନାନଯାତ୍ରାରୁ ଆରମ୍ଭ କରି ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଏକ ନିରବିଚ୍ଛିନ୍ନ ଧାର୍ମିକ ପ୍ରକ୍ରିୟାର ଅଂଶ। ଅଣସର, ନେତ୍ରୋତ୍ସବ, ନବଯୌବନ ଦର୍ଶନ, ହେରାପଞ୍ଚମୀ, ବାହୁଡ଼ା ଓ ସୁନାବେଶ— ଏହି ସମସ୍ତ ନୀତି ଏକ ଅନ୍ୟ ଉପରେ ନିର୍ଭରଶୀଳ। ଏଥିରେ ଏକଟି ତିଥି ବଦଳିଲେ ସମଗ୍ର ଆଗମିକ ଶୃଙ୍ଖଳା ଭଙ୍ଗ ହୋଇଯାଏ। ସେହିପାଇଁ "ଭକ୍ତି" ନାମରେ ପରମ୍ପରାକୁ ଇଚ୍ଛାମତେ ବଦଳାଇବା କୌଣସି ଧାର୍ମିକ ସ୍ୱାଧୀନତା ନୁହେଁ।

ସେହି ପରିପ୍ରେକ୍ଷିତରେ, ଭାରତ ବାହାରେ ବିଭିନ୍ନ ଦେଶର ଇସ୍କନ ମନ୍ଦିରଗୁଡ଼ିକ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ରଥଯାତ୍ରାକୁ ଶାସ୍ତ୍ରସମ୍ମତ ନୁହେଁ ଏମିତି ତିଥିରେ ପାଳନ କରାଯାଉଥିବା ଖବର ଗଭୀର ଚିନ୍ତାର ବିଷୟ। ଏହି ସମ୍ପର୍କରେ ଇଣ୍ଟରନେଟ୍‌ରେ ପ୍ରକାଶିତ କିଛି ଘୋଷଣା ଓ ପୋଷ୍ଟ ସାର୍ବଜନୀନ ହେବା ପରେ, ଏହା କେବଳ ଓଡ଼ିଶା ନୁହେଁ, ସମଗ୍ର ଜଗନ୍ନାଥ ଭକ୍ତ ସମାଜକୁ ଅସ୍ୱସ୍ଥ କରିଛି।

ଏହା କୌଣସି ମତାମତର ବିଷୟ ନୁହେଁ, ନାହିଁ କି ବ୍ୟାଖ୍ୟାର ଖୋଲା ମଞ୍ଚ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା (ଏସ୍‌ଜେଟିଏ), ପୁରୀର ଶାସ୍ତ୍ରଜ୍ଞ ଓ ପଣ୍ଡିତମାନେ ୨୦ ମାର୍ଚ୍ଚ ୨୦୨୫ ରେ ଭୁବନେଶ୍ୱରରେ ଆୟୋଜିତ ଏକ ଶାସ୍ତ୍ରୀୟ ସଭାରେ ଇସ୍କନ ପକ୍ଷରୁ ଦିଆଯାଇଥିବା ସମସ୍ତ ମତକୁ ସୂକ୍ଷ୍ମ ଭାବେ ପରୀକ୍ଷା କରିଛନ୍ତି। ଏହା ପରେ ସେମାନେ ଯେଉଁ ନିଷ୍କର୍ଷରେ ପହଞ୍ଚିଛନ୍ତି, ତାହା ସ୍ପଷ୍ଟ, ଦୃଢ଼ ଓ ଅନ୍ତିମ।

ଏହି ସୀମା ବାହାରେ ଯେକୌଣସି ତିଥିରେ ସ୍ନାନଯାତ୍ରା କିମ୍ବା ରଥଯାତ୍ରା କରାଯିବା ମାନେ କେବଳ ପରମ୍ପରା ଭଙ୍ଗ ନୁହେଁ, ଏହା ଶାସ୍ତ୍ର ଉଲ୍ଲଂଘନ। ଏପରି କାର୍ଯ୍ୟ ଦ୍ୱାରା ମହାପ୍ରଭୁଙ୍କ ନୀତିକୁ "ଅନୁଷ୍ଠାନ"ରୁ "ଇଭେଣ୍ଟ"ରେ ପରିଣତ କରାଯାଉଛି— ଯାହା ଗ୍ରହଣୀୟ ନୁହେଁ।

ଇସ୍କନର ବିଶ୍ୱବ୍ୟାପୀ କୃଷ୍ଣଚେତନା ପ୍ରସାରକୁ କେହି ଅସ୍ୱୀକାର କରୁନାହାନ୍ତି। କିନ୍ତୁ ପ୍ରସାରର ଅର୍ଥ ଏହା ନୁହେଁ ଯେ ମୂଳ ସ୍ରୋତକୁ ଅଗ୍ରାହ୍ୟ କରାଯିବ। ଶ୍ରୀଜଗନ୍ନାଥ ପରମ୍ପରାର ମୂଳ ସ୍ରୋତ ପୁରୀ— ଏହା କୌଣସି ଭାବନା ନୁହେଁ, ଏହା ଐତିହ୍ୟ, ଆଗମ ଓ ଶାସ୍ତ୍ର ସ୍ୱୀକୃତ ସତ୍ୟ।

ତେଣୁ ଏହି ପରିସ୍ଥିତିରେ, ଇସ୍କନର ଶୀର୍ଷ ନେତୃତ୍ୱଙ୍କ ଦାୟିତ୍ୱ ହେଉଛି— ବିଶ୍ୱର କୌଣସି ମନ୍ଦିର ବା କେନ୍ଦ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା କିମ୍ବା ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ତିଥି ବ୍ୟତୀତ କୌଣସି ଦିନ ପାଳିତ ନ ହେଉ— ଏହା ସୁନିଶ୍ଚିତ କରିବା। ଏହା କେବଳ ଏକ ଅନୁରୋଧ ନୁହେଁ; ଏହା ଧାର୍ମିକ ଶିଷ୍ଟାଚାର ଓ ସଂସ୍କୃତିକ ଦାୟିତ୍ୱର ପ୍ରଶ୍ନ।

ଏହି ନିଷ୍ପତ୍ତି ଓଡ଼ିଆ ସମାଜ ପାଇଁ ମଧ୍ୟ ଏକ ସାହାସଦାୟକ ସନ୍ଦେଶ। ଦୀର୍ଘଦିନ ଧରି ଓଡ଼ିଆମାନେ ପୃଷ୍ଠା ➥ ୬

ରାଜେଶ କୁମାର ମହାନ୍ତି



ଇଂରାଜ ନୂଆବର୍ଷରେ ଶ୍ରୀକ୍ଷେତ୍ର ଲୋକାରଣ୍ୟ, ମହାପ୍ରଭୁଙ୍କ ଦର୍ଶନ କଲେ ଲକ୍ଷାଧିକ ଭକ୍ତ

## 'ପାଶ୍ଚାତ୍ୟ ସଂସ୍କୃତି ତ୍ୟାଗ କରନ୍ତୁ, ଓଡ଼ିଆ ସଂସ୍କୃତିକୁ ଆପଣାନ୍ତୁ ଓ ଉତ୍କଳୀୟ ନବବର୍ଷ ପାଳନ ପାଇଁ ସଂକଳ୍ପବଦ୍ଧ ହୁଅନ୍ତୁ'

ପୁରୀ: ବିଶ୍ୱାୟନ ଓ ପାଶ୍ଚାତ୍ୟ ପ୍ରଭାବର ତୀବ୍ର ପ୍ରବାହ ମଧ୍ୟରେ ଆଜି ଓଡ଼ିଆ ଅସ୍ମିତା, ଭାଷା ଓ ସଂସ୍କୃତିକୁ ରକ୍ଷା କରିବା ଏକ ଆବଶ୍ୟକ ଆହ୍ୱାନ ରୂପେ ଦେଖାଦେଇଛି। ଆଧୁନିକତାର ନାମରେ ପାଶ୍ଚାତ୍ୟ ସଂସ୍କୃତିର ଅନ୍ଧାନୁକରଣ କରି ନିଜ ଐତିହ୍ୟ, ପରମ୍ପରା ଓ ମୂଲ୍ୟବୋଧକୁ ଭୁଲିଯିବା ପ୍ରବୃତ୍ତି ଓଡ଼ିଶାର ସାମାଜିକ ଜୀବନରେ ଧୀରେଧୀରେ ଦୃଶ୍ୟମାନ ହେଉଛି। ଏହି ପରିସ୍ଥିତିରେ ଉତ୍କଳୀୟ ନବବର୍ଷକୁ କେନ୍ଦ୍ର କରି ରାଜ୍ୟର ବୁଦ୍ଧିଜୀବୀ, ସାହିତ୍ୟିକ, ସଂସ୍କୃତିକର୍ମୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଏକ ନୂତନ ଚେତନା ଦେଖାଦେଇଛି। ପାଶ୍ଚାତ୍ୟ ସଂସ୍କୃତିର ଅନ୍ଧାନୁକରଣ ଓ ଇଂରାଜୀ ନବବର୍ଷ ପାଳନକୁ ନେଇ ରାଜ୍ୟରେ ଚାଲିଥିବା ଚର୍ଚ୍ଚା ଏବେ ଏକ ଗମ୍ଭୀର ସାମାଜିକ ଓ ସାଂସ୍କୃତିକ ମୁଦ୍ଦାର ଆକାର ନେଇଛି। ବିଶେଷକରି ପୁରୀ ଶ୍ରୀମନ୍ଦିରକୁ କେନ୍ଦ୍ର କରି ଇଂରାଜୀ ନବବର୍ଷ (୩୧ ଡିସେମ୍ବର- ୧ ଜାନୁଆରୀ) ଅବସରରେ ମଧ୍ୟରାତ୍ରିରେ ମନ୍ଦିର ଖୋଲା ରଖିବା ପ୍ରଥାକୁ ନେଇ ତୀବ୍ର ବିରୋଧ ପ୍ରକାଶ ପାଇଛି। ଇଂରାଜୀ ନବବର୍ଷ ପାଳନ ପାଇଁ ମଧ୍ୟରାତ୍ରିରେ ଶ୍ରୀମନ୍ଦିର ଖୋଲା ରଖିବା "ଅସନାତନ" ଓ ଶତାବ୍ଦୀ ପୁରୁଣା ଶ୍ରୀଜଗନ୍ନାଥ ସଂସ୍କୃତି, ନୀତିକାନ୍ତି ଓ ଧାର୍ମିକ ମର୍ଯ୍ୟାଦା ସହ ସମ୍ପୂର୍ଣ୍ଣ ଭାବେ ବିରୋଧାଭାସ । ୧୨ଶ ଶତାବ୍ଦୀର ଏହି ପବିତ୍ର ମନ୍ଦିରର ସମସ୍ତ ନୀତିକାନ୍ତି କେବଳ ସନାତନ ଧର୍ମ ଶାସ୍ତ୍ର ଓ ପାରମ୍ପରିକ ନିୟମାବଳୀ ଅନୁସାରେ ହେବା ଉଚିତ। ସନାତନ ଶାସ୍ତ୍ରରେ ପାଶ୍ଚାତ୍ୟ କ୍ୟାଲେଣ୍ଡର ଅନୁସାରେ ମଧ୍ୟରାତ୍ରିରେ ଦେବଦେବୀଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲିବାର କୌଣସି ଉଲ୍ଲେଖ ନାହିଁ । ଏହି ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରି ରାଜ୍ୟ ପ୍ରଶାସନରେ ଏକ ନୂତନ ଦୃଷ୍ଟାନ୍ତ ସ୍ଥାପନ କରିଛନ୍ତି। ଇଂରାଜୀ ନବବର୍ଷ ୨୦୨୬ ଅବସରରେ କୌଣସି ସରକାରୀ କାର୍ଯ୍ୟାଳୟ ପରିସରରେ ନବବର୍ଷ ଉତ୍ସବ, ପାର୍ଟି, ଭୋଜିଭାତ କିମ୍ବା ସାମାଜିକ ମିଳନୀ ଆୟୋଜନ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ ରାଜ୍ୟବାସୀଙ୍କୁ "ଇଂରାଜୀ ନବବର୍ଷ ୨୦୨୬" ଅବସରରେ ଶୁଭେଚ୍ଛା ଜଣାଇଥିଲେ ମଧ୍ୟ, ସେ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି ଯେ, ନବବର୍ଷ ଶୁଭେଚ୍ଛା ଦେବା ପାଇଁ ତାଙ୍କୁ ବ୍ୟକ୍ତିଗତ ଭାବେ କିମ୍ବା ତାଙ୍କ କାର୍ଯ୍ୟାଳୟର ଅଧିକାରୀମାନଙ୍କୁ ଭେଟିବାରୁ ବିରତ ରୁହନ୍ତୁ। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ସରକାରୀ ପ୍ରେସ୍ ନୋଟ୍‌ରେ ସ୍ପଷ୍ଟ ପୃଷ୍ଠା ➥ ୬

## ଅନୁ ଗର୍ଗ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର: ୧୯୯୧ ବ୍ୟାଚ୍‌ର ଆଇଏଏସ୍ ତଥା ଉନ୍ନୟନ କମିସନର ଅନୁ ଗର୍ଗ ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଚଳିତମାସ ୩୧ ତାରିଖରେ ଶେଷ ହେଉଛି। ୨୦୨୯ ମାର୍ଚ୍ଚରେ ଶ୍ରୀମତୀ ଗର୍ଗ ଅବସର ନେବେ। ଅବସର ପର୍ଯ୍ୟନ୍ତ ସେ ଯଦି ମୁଖ୍ୟ ସଚିବ ରୁହନ୍ତି, ତେବେ ତାଙ୍କର ଅବଧି ୩ ବର୍ଷ ୩ ମାସ ରହିବ। ଝାରସୁଗୁଡ଼ା ଉପଜିଲ୍ଲାପାଳ ଭାବେ ସେ ତାଙ୍କର ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ବରଗଡ଼, ସମ୍ବଲପୁର ଜିଲ୍ଲାପାଳ ରହିଥିଲେ। ଏହାସହ ସ୍ୱାସ୍ଥ୍ୟ, ଶ୍ରମ ଓ ଅନ୍ୟ ବିଭାଗରେ ମଧ ଦାୟିତ୍ୱ ତୁଲାଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରିବାର ମଧ ତାଙ୍କର ଅଭିଜ୍ଞତା ରହିଛି। ବରିଷ୍ଠତା ଭିତ୍ତିରେ ତାଙ୍କୁ ମୁଖ୍ୟ ଶାସନ ସଚିବ ପଦବିରେ ନିଯୁକ୍ତି ମିଳିଛି। ରାଜ୍ୟର ୪୭ତମ ମୁଖ୍ୟ ସଚିବ ଭାବେ ତାଙ୍କୁ ନିଯୁକ୍ତି ମିଳିବା ପରେ ରାଜ୍ୟର ପ୍ରଶାସନିକ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି।

## ଅରବିନ୍ଦ ପାଢ଼ୀଙ୍କୁ ମିଳିଲା ପ୍ରମୋଶନ



ଭୁବନେଶ୍ୱର: ଓଡ଼ିଶା ପ୍ରଶାସନିକ ସ୍ତରରେ ଏକ ବଡ଼ ପରିବର୍ତ୍ତନ ହୋଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ACS) ପାହ୍ୟାକୁ ପଦୋନ୍ନତି ମିଳିଛି। ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବୁଧବାର ଏହି ବିଜ୍ଞପ୍ତି ପ୍ରକାଶ ପାଇଛି।

୧୯୯୬ ବ୍ୟାଚର ଏହି ଆଇଏଏସ୍ ଅଫିସରଙ୍କୁ ପେ-ମ୍ୟାଟ୍ରିକ୍ସର ଲେଭଲ-୧୭' କୁ ପଦୋନ୍ନତି ଦିଆଯାଇଛି। ଏହି ନିୟମ ୨୦୨୬ ଜାନୁଆରୀ ୧ ତାରିଖରୁ ଲାଗୁ ହେବ। ପଦୋନ୍ନତି ପରେ ମଧ ସେ କୃଷି ବିଭାଗର ପ୍ରମୁଖ ସଚିବ ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ଭାବେ କାର୍ଯ୍ୟ ଜାରି ରଖିବେ। ଏହା ସହିତ ୧୯୯୫ ବ୍ୟାଚର ଆଇଏଏସ୍ ଅଫିସର ସୁଶୀଲ କୁମାର ଲୋହାନୀଙ୍କୁ ମଧ ସମାନ ଭାବେ ଲେଭଲ-୧୭ ଆପେକ୍ସ ଗ୍ରେଡକୁ ପଦୋନ୍ନତି ମିଳିଛି।

## ପୁରୀ ହେଲା ମହାନଗର ନିଗମ

ପୁରୀ: ପୁରୀ ପୌରପାଳିକା ମହାନଗର ନିଗମର ମାନ୍ୟତା ପାଇଛି। ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର କ୍ଷେତ୍ର ଶ୍ରୀକ୍ଷେତ୍ର ପୁରୀ ଭାରତବର୍ଷର ପ୍ରସିଦ୍ଧ ତୀର୍ଥସ୍ଥଳୀ। ଏଠାରେ ପ୍ରତିଦିନ ଦେଶବିଦେଶରୁ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଲାଗେ। ପୁରୀକୁ ମହାନଗର ନିଗମ ମାନ୍ୟତା ଦେବାକୁ ବହୁଦିନରୁ ଦାବି ହୋଇ ଆସୁଥିଲା। ପୁରୀବାସିନ୍ଦାଙ୍କ ସହ ଭକ୍ତ ଓ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଉପଲବ୍ଧ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ଜୁଲାଇ ୩ରେ ପୁରୀକୁ ମହାନଗର ନିଗମର ମାନ୍ୟତା ପ୍ରଦାନ ପାଇଁ ଘୋଷଣା କରିଥିଲେ।

ଆଜି ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପୁରୀବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ମହାନଗର ଗଠନ ହେବା ଦ୍ୱାରା ପୁରୀ ଓ ଏହାର ଆଖପାଖ ଅଞ୍ଚଳରେ ଭିତ୍ତିଭୂମିର ବିକାଶ ସହ ଏକ ବୃହତ୍ ସହରାଞ୍ଚଳ ଗଠନ ସମ୍ଭବ ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି। ପୁରୀ ସହର ଏବଂ ଆଖପାଖ ଅବସ୍ଥିତ ଗ୍ରାମ ପଞ୍ଚାୟତକୁ ସାମିଲ କରି ପୁରୀ ମହାନଗର ନିଗମ ଗଠିତ ହେବ। ପୁରୀ ସଦର ଏବଂ ବ୍ରହ୍ମଗିରି ବ୍ଲକର ପ୍ରାୟ ୭-୮ଟି ଗ୍ରାମପଞ୍ଚାୟତକୁ ସାମିଲ କରାଯିବ। ଫଳରେ ପଞ୍ଚାୟତବାସୀ ସହର ପରି ସୁବିଧା ପାଇ ପାରିବେ। ଗୁରୁବାର ଠାରୁ ଏହ ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯିବ। ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳ ଭାବେ ଗଢି ତୋଳିବାକୁ ସରକାର ବଦ୍ଧପରିକର। ଏଥିପାଇଁ ଅନେକ ନୂତନ ପ୍ରକଳ୍ପର ନିର୍ମାଣ ଏବଂ ରକ୍ଷଣାବେକ୍ଷଣର ଅବଶ୍ୟକତା ରହିଛି। ପୁରୀରେ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ। ୨୦୩୬ ସୁଦ୍ଧା ପୁରୀକୁ ଦେଶର ଏକ ମୁଖ୍ୟ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।




## ନିଯୁକ୍ତି ମେଳାରେ ୧,୫୪୩ ଜଣଙ୍କୁ ନିଯୁକ୍ତି



ଭୁବନେଶ୍ୱର: ବିକଶିତ ରାଷ୍ଟ୍ର, ରାଜ୍ୟ ଗଠନର ସଂକଳ୍ପକୁ ସଫଳ କରିବାରେ ନିଯୁକ୍ତି ମେଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିଯୁକ୍ତି ପତ୍ର ବିଶ୍ୱାସ ଓ ସଫଳତାର ପ୍ରତୀକ। ରେଳ ଅଡିଟୋରିୟମଠାରେ ଆୟୋଜିତ ନିଯୁକ୍ତି ମେଳାରେ ୧୧ଟି ବିଭାଗର ୧,୫୪୩ ଜଣ ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ନିଜର ଦୃଢ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ସଫଳତା ପାଇଥିବା ସମସ୍ତ ଯୁବ ପ୍ରାର୍ଥୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ଯୁବ ଅଧିକାରୀମାନେ ହେଉଛନ୍ତି ଆମ ରାଜ୍ୟର ପ୍ରଗତିର ସାରଥି। ଆମ ସରକାର ଯୁବଶକ୍ତିଙ୍କୁ ସଶକ୍ତ କରିବା ପାଇଁ ସରକାରୀ ଚାକିରିର ବୟସ ସୀମାକୁ ୩୨ରୁ ୪୨ ବର୍ଷକୁ ବୃଦ୍ଧି କରିଥିବାବେଳେ, ଶିଳ୍ପାୟନ ମାଧ୍ୟମରେ ମଧ୍ୟ ବ୍ୟାପକ ରୋଜଗାର ସୁଯୋଗ ସୃଷ୍ଟି କରିବା ପାଇଁ ଆମର ଅଭିଯାନ ଜାରି ରହିଛି। ଏହି ନିଯୁକ୍ତି ପ୍ରକ୍ରିୟା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ବରଂ ଓଡ଼ିଶାର ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତାର ଏକ ପ୍ରତିଫଳନ। ଏହି ଅବସରରେ ମୁଁ ସମସ୍ତ ନବନିଯୁକ୍ତଙ୍କୁ 'ସୁଶାସନ'ର ତିନିଟି ମନ୍ତ୍ର ଦେଇ କହିଲେ, କର୍ମ କ୍ଷେତ୍ରରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଅଭିଯୋଗର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଆମ ସରକାର ଦୁର୍ନୀତି ବିରୁଦ୍ଧରେ 'ଶୂନ୍ୟ ସହନଶୀଳତା ନୀତି' ଆପଣାଇଛନ୍ତି, ତେଣୁ କାର୍ଯ୍ୟର ପ୍ରଥମ ଦିନରୁ ହିଁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିଷ୍ଠାର ସହ ଜନସାଧାରଣଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବାକୁ ମୁଁ ସମସ୍ତଙ୍କୁ ଆହ୍ୱାନ କରିଛି। ଆମ ସରକାର ମାନବ ସମ୍ବଳ ପୃଷ୍ଠା ➥ ୬




## ପୁରୀରେ ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ୍-୨୦୨୫

# ଓଡିଶା ପାଇଁ ଦେଢ଼ ଲକ୍ଷ ସୂର୍ଯ୍ୟ ଘର ଅନୁମୋଦିତ: କେନ୍ଦ୍ରମନ୍ତ୍ରୀ




**୨୦୩୬ ସୁଦ୍ଧା ରାଜ୍ୟ ହେବ ଗ୍ରୀନ୍ ଏନର୍ଜି ହବ୍: ମୁଖ୍ୟମନ୍ତ୍ରୀ**

ପୁରୀ: ପୁରୀ ଠାରେ ଆୟୋଜିତ ବିଶ୍ବ ଶକ୍ତି ନେତା ସମ୍ମିଳନୀ (ଗେଲ୍ସ)-୨୦୨୫କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଉକ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ ସୁଦ୍ଧା ଜୀବାଶ୍ମ ଇନ୍ଧନ ଶକ୍ତି ଉତ୍ପାଦନ ଓ ବ୍ୟବହାର କମାଇ ଆମ ରାଜ୍ୟ ଗ୍ରୀନ୍ ଏନର୍ଜି ରାଜ୍ୟ ଭାବେ ଉଭା ହେବ। ଏହା ସହ ଗ୍ରାମୀଣ ଜନସାଧାରଣଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶକ୍ତି କ୍ଷେତ୍ରରେ ଓଡିଶା ନିଜର ଭବିଷ୍ୟତ ପିଢ଼ି ଉପରେ ବିନିଯୋଗ କରୁଛି କାରଣ ବିଦ୍ୟୁତ୍ ଏକ ସର୍ବୋଚ୍ଚ ପ୍ରାଥମିକତା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି, ଯାହା ସଦା ସର୍ବଦା ଆମକୁ ଆତ୍ମନିର୍ଭର କରିବା ଦିଗରେ ସହାୟତା କରିବ। ସାରା ଦେଶରେ ଘରୋଇ ଗ୍ରାହକ ଏବଂ ଶିଳ୍ପକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଏକ ଚ୍ୟାଲେଞ୍ଜ ଥିଲା। ଘରୋଇ ଚାହିଦା ପୂରଣ କରିବା ପାଇଁ ବିଦ୍ୟୁତ୍ ଉତ୍ପାଦନ ଯଥେଷ୍ଟ ନଥିଲା। ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ ସାଧାରଣ ଘଟଣା ଥିଲା। ବିଦ୍ୟୁତ୍ ଉତ୍ପାଦନରେ ହ୍ରାସ ଦେଶର ଶିଳ୍ପ ଏବଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରୁଥିଲା। କିନ୍ତୁ, ଗତ ଦଶନ୍ଧିରେ ଏସବୁରେ ଉନ୍ନତି ଆସିଛି ଏବଂ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ଶକ୍ତି ମନ୍ତ୍ରଣାଳୟର ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଦ୍ୱାରା ଏହା ସମ୍ଭବ ହୋଇଛି। ବର୍ଦ୍ଧିତ ଚାହିଦା, ଭିତ୍ତିଭୂମି ବିକାଶ ଏବଂ ପାରମ୍ପରିକ ଏବଂ ନବୀକରଣୀୟ ଶକ୍ତି ଉତ୍ସ ପାଇଁ ଦୃଢ଼ ନୀତିଗତ ସମର୍ଥନ ଦ୍ୱାରା ଭାରତର ଶକ୍ତି କ୍ଷେତ୍ର ଗତ ୧୧ ବର୍ଷରେ ଦ୍ରୁତ ଅଭିବୃଦ୍ଧି ହାସଲ କରିପାରିଛି। ପ୍ରତ୍ୟେକ ରାଜ୍ୟର ନିଜସ୍ୱ ଶକ୍ତି ଉତ୍ପାଦନ ତଥା ସଂରକ୍ଷଣକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ଗେଲ୍ସ ୨୦୨୫ ହେଉଛି କେନ୍ଦ୍ର, ରାଜ୍ୟ, ଶିଳ୍ପ, ଗବେଷକ, ଅନୁଷ୍ଠାନ ଏବଂ ବିଶ୍ୱର ଶକ୍ତି ବିଶେଷଜ୍ଞ ମାନଙ୍କୁ ଏକତ୍ରିତ କରି ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରତା ଓ ସ୍ଥାୟୀତ୍ୱ ହାସଲ କରିବା ପାଇଁ ଏକ ଅଭିନବ ପ୍ରୟାସ। ଏହା ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏକ ସ୍ପଷ୍ଟ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମ ସର୍ବଭାରତୀୟ ପଦକ୍ଷେପ। ଏହି ଅବସରରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଟୋନି ବ୍ଲେୟାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମାରୋହକୁ ସମ୍ବୋଧିତ କରି ଓଡ଼ିଶାକୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ଯେତେବେଳେ ଗୋଟିଏ ସରକାର କାର୍ଯ୍ୟ କରେ ସେତେବେଳେ ଶକ୍ତି ପରିବର୍ତ୍ତନ ସଫଳ ହୁଏ ନାହିଁ, କିନ୍ତୁ ଯେତେବେଳେ ସମୟ ସହିତ ଅନେକ ସରକାର ସମାନ ଦିଗରେ କାର୍ଯ୍ୟ କରନ୍ତି ସେତେବେଳେ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଉଦ୍ୟମ ସଫଳ ହୁଏ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, କୋଣାର୍କ ସୂର୍ଯ୍ୟ ମନ୍ଦିର ଆମକୁ ମନେ ପକାଇ ଦିଏ ଯେ ଶକ୍ତି ସହିତ ଭାରତର ସମ୍ପର୍କ ଶତାବ୍ଦୀ ଧରି ଆମ ସଭ୍ୟତାର ଏକ ଅଂଶ ହୋଇଆସିଛି । ୨୦୩୦ ସୁଦ୍ଧା, ଆମେ ଶିଳ୍ପ ଏବଂ କୃଷିରେ ନବୀକରଣୀୟ ଶକ୍ତି ବ୍ୟବହାର କରି ବ୍ୟାପକ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛୁ । ୨୦୩୬ ସୁଦ୍ଧା, ଯେତେବେଳେ ଓଡ଼ିଶା ୧୦୦ ବର୍ଷ ପୂରଣ କରିବ, ଆମେ ସ୍ୱଚ୍ଛ ଶକ୍ତି, ଉତ୍ପାଦନ ଏବଂ ସବୁଜ ହାଇଡ୍ରୋଜେନର ଅଗ୍ରଣୀ କେନ୍ଦ୍ର ହେବାକୁ ଉଦ୍ୟମ ଆରମ୍ଭ କରିଛୁ ବୋଲି ସେ କହିଥିଲେ।

## ସହୀଦ ଜୟୀ ରାଜଗୁରୁଙ୍କ ମହାପ୍ରୟାଣ ଦିବସ

ପୁରୀ: ସହୀଦ ଜୟୀ ରାଜଗୁରୁ ସ୍ୱାଧୀନତା ଆନ୍ଦୋଳନର ଏକ ସ୍ୱର୍ଣ୍ଣିତ ନାମ। ସାହସ, ଶୌର୍ଯ୍ୟ ଓ ଅଦମ୍ୟ ବୀରତ୍ୱର ପ୍ରତୀକ ଥିଲେ ସେ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଚିର ଅମର ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଜିଲ୍ଲା ପ୍ରଶାସନ,ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜନ୍ମ ସ୍ଥାନ ବୀର ହରେକୃଷ୍ଣପୁର ଛକ ନିକଟସ୍ଥ ପ୍ରତିମୂର୍ତ୍ତି ଓ ବୀର ହରେକୃଷ୍ଣପୁର ଗ୍ରାମରେ ଥିବା ଜୟୀ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ୨୨୦ ତମ ମହାପ୍ରୟାଣ ଦିବସ ଅବସରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ନିକଟସ୍ଥ ପୁଷ୍କରିଣୀରେ ସହୀଦଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା।

ସହୀଦଙ୍କ ଜନ୍ମସ୍ଥାନ ବୀରହରେକୃଷ୍ଣପୁର ଗ୍ରାମଠାରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଗୋପୀନାଥ ଦେବସ୍ଥାନ ସମିତି ଓ ସହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ଓଡିଶାଙ୍କ ମିଳିତ ସହଯୋଗରେ ଆୟୋଜିତ ମହାପ୍ରୟାଣ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଓ ସଦର ବିଡ଼ିଓ ସସ୍ମିତ ଶତପଥୀ ଜୟୀ ରାଜଗୁରୁ ଙ୍କ ସ୍ମୃତି ଚାରଣ କରି ସଂଗ୍ରାମୀ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜୟୀ ରାଜଗୁରୁ ଜଣେ ଦୃଢ଼ମନା,ଅଦମ୍ୟ ଦେଶପ୍ରେମୀ ଓ ସାହସୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।ଆଜିର ଯୁବ ପିଢ଼ି ତାଙ୍କ ବିଷୟରେ ପଢିବା, ତାଙ୍କ ଚରିତ୍ର ଓ ଆଦର୍ଶ କୁ ଅନୁସରଣ କଲେ ଏକ ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନ ହୋଇ ପାରିବ ବୋଲି ସେ କହିଥିଲେ। ସହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଜୟୀ ରାଜଗୁରୁ ଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ସହୀଦ ଙ୍କ ସମ୍ପର୍କରେ ଅଧିକ ପ୍ରଚାର ପ୍ରସାର ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ସ୍ମୃତି ପରିଷଦ ର ସହଯୋଗ ରେ ଜୟୀ ରାଜଗୁରୁ ଙ୍କ ଉପରେ ପୁସ୍ତକ ପ୍ରକାଶିତ ହୋଇଛି ବୋଲି ସୂଚନା ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ



କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ଜୟୀ ରାଜଗୁରୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରିଥିଲେ।

## କୋଣାର୍କରେ ଜାତୀୟ ହସ୍ତଶିଳ୍ପ ସପ୍ତାହ ଉଦଘାଟିତ

# ହସ୍ତଶିଳ୍ପ ଆମ ସଂସ୍କୃତି, ପରମ୍ପରା ଓ ଅର୍ଥନୀତିର ତ୍ରିବେଣୀ ସଙ୍ଗମ: ମନ୍ତ୍ରୀ




ପୁରୀ/କୋଣାର୍କ: ହସ୍ତଶିଳ୍ପ ଆମ ଅସ୍ମିତା ଓ ଗୌରବର ପ୍ରତିଫଳନ। ଆମ ଶିଳ୍ପୀମାନଙ୍କର ସ୍ୱର୍ଣ୍ଣିତ କଳାର ପ୍ରଦର୍ଶନ ଓ ପରିପ୍ରକାଶ ଏହାକୁ ଅଧିକ ଋଦ୍ଧିମନ୍ତ ଓ ପ୍ରେରଣାଦାୟୀ କରାଉଛି ବୋଲି କହିଛନ୍ତି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। କୋଣାର୍କ ଅର୍ବାନ ହାଟ ଠାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ହସ୍ତଶିଳ୍ପ ସପ୍ତାହକୁ ମନ୍ତ୍ରୀ ବଳ ସାମନ୍ତ ଉଦଘାଟନ କରିବା ସହ ଏହି ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ଶିଳ୍ପୀ ମାନଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନ ର ଏକ ସୁନ୍ଦର ପ୍ଲାଟଫର୍ମ ପ୍ରଦାନ କରାଯାଇ ପାରୁଛି। ୧୯୫୦ ମସିହାରୁ ଏହା ପାଳିତ ହୋଇ ଆସୁଛି। ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି ଆମେ ତାହାର ଅନୁପାଳନ କରୁଛନ୍ତି। ରାଜ୍ୟରେ ୩୦ ଲକ୍ଷ ରୁ ଉର୍ଦ୍ଧ୍ୱ ଶିଳ୍ପୀ ରହିଥିବା ବେଳେ ୭୦ ଭାଗ ମହିଳା ଅଟନ୍ତି। ଏଠାରେ ଶିଳ୍ପୀ ମାନଙ୍କ ଲାଇଭ ଡେମୋନେଷ୍ଟ୍ରସନ ହେବ। ଏହାକୁ ସମସ୍ତେ ଦେଖି ପାରିବେ। ଏଠାରେ ୬୭ଟି ଷ୍ଟଲ କରାଯାଇଛି। ଚଳିତ ଭୁବନେଶ୍ୱର ତୋଷାଳୀ ମେଳା ବଡ ଆକାର ର ପ୍ରାୟ ୭୦୦ ଷ୍ଟଲ ହେବ ଓ କେବଳ ସ୍ୱଦେଶୀ ଆଧାରିତ ହେବ।ଏପରିକି ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଓଡ଼ିଆ ସଂସ୍କୃତି ଆଧାରିତ ହେବ ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ସିଡାକର ସଦସ୍ୟ ସଚିବ ସୁବ୍ରତ କୁମାର ବେହେରା, ଉତ୍କଳିକାର ଏମ ଡି ମମତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ହସ୍ତଶିଳ୍ପ ନିର୍ଦ୍ଦେଶକ ଡଃ ନିବେଦିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ହସ୍ତଶିଳ୍ପୀ ମାନେ ସେମାନଙ୍କ ସମୃଦ୍ଧ କଳାକୁ ଏଠାରେ ପ୍ରଦର୍ଶନ ଓ ବିକ୍ରୟର ବ୍ୟବସ୍ଥା କରାଯାଇଛି। ମୃତ୍ୟୁଞ୍ଜୟ ରଥ ମଞ୍ଚ ସଂଚାଳନ କରିଥିଲେ।

## ଭଏସ୍ ଅଫ୍ କମନମ୍ୟାନ୍ ପକ୍ଷରୁ ପୁରୀ ପୋଲିସ ଓ ନାଗରିକ ବୈଠକ






**ପୁରୀ :** ଭଏସ୍ ଅଫ୍ କମନମ୍ୟାନ୍ ଆନୁକୂଲ୍ୟରେ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହଙ୍କ ସହିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସ୍ଥାନୀୟ ହୋଟେଲ ହଲିଡେ ରିସର୍ଟଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ହେକ୍ଟର ମିଶ୍ର ଏହି ସଂସ୍ଥାର କାର୍ଯ୍ୟକାରିତା ତଥା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ସଭାରେ ସଭାପତି ବରିଷ୍ଠ ସଦସ୍ୟ ଦେବୀ ପ୍ରସନ୍ନ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ବରିଷ୍ଠ ସଦସ୍ୟ ରାଜେଶ ମିଶ୍ର ଜନସାଧାରଣଙ୍କ ପ୍ରତି ପୁଲିସର ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କ ସ୍ଥାପନ ଉପରେ ଆଲୋକପାତ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରୁ ଅବସରପ୍ରାପ୍ତ ଭାରତୀୟ ବିଦେଶ ସେବା ଅଧିକାରୀ ମଳୟ ମିଶ୍ର, ବିଭୁପ୍ରସାଦ ସାହୁ, କବି ମାନସ ରଞ୍ଜନ ମହାପାତ୍ର, ଡାକ୍ତର ବାନାମ୍ବର ସେନାପତି, ଶ୍ୟାମସୁନ୍ଦର ହାଲ୍ଦାର, ଅଜିତ ମହାପାତ୍ର, ଭବାନୀ ଶଙ୍କର, ଅଶୋକ ପାତ୍ର, ରାଜେଶ ମହାନ୍ତି, ସୁକାନ୍ତ ପଣ୍ଡା, ସରସ୍ୱତୀ ପାତ୍ର, ବିଶ୍ୱନାଥ ମିଶ୍ର, ପୁଲିନ ବିହାରୀ ଆଚାର୍ଯ୍ୟ, ଭାସ୍କର ପରିଡା, ସତ୍ୟ ପାଢ଼ୀ, ଗୀତା ପଣ୍ଡା ଓ ଦୀଲିପ କୁମାର ସାହୁ, ଆକାଶ, ଭାସ୍କର ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉକ୍ତ ସଭାକୁ ସଫଳ କରିବାରେ ମୀନକେତନ ମିଶ୍ର, ଅବିନାଶ ବେହେରା, ନିଶାନ୍ତ ସାହୁ, ଶତ୍ରୁଘ୍ନ ବଳିୟାରସିଂହ, ଅଜିତ୍ ବିକ୍ରମ ସୁଆର, ରାଜକୁମାର ସାହୁ, ଓମ୍ ପ୍ରକାଶ ସାହୁ, ମୋହିତ ଆନିମେଶ ଦାଶ ଇତ୍ୟାଦି ସହଯୋଗ କରିଥିଲେ । ଶେଷରେ ଧବଳେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁରୀ ମହୋତ୍ସବ ୨୦୨୫ ଉଦଯାପିତ



**ପୁରୀ :** ଓରେ ପ୍ରିୟାରେ.., ଲେ ଉଡାନ.., ଲେଟ୍ସ ଗୋ ଡ୍ୟାନ୍ସ... ଭଳି ଲୋକପ୍ରିୟ ଗୀତରେ ଝୁମିଥିଲା ଆଜି ବେଳାଭୂମି। ବଲିଉଡ୍ କଣ୍ଠଶିଳ୍ପୀ ତଥା ବିଗବସ୍ ଫାଇନାଲିଷ୍ଟ ଦୀପକ ଠାକୁର ପୁରୀ ମହୋତ୍ସବ ମଞ୍ଚରେ ଭେଟି ଦେଇଥିଲେ ଏହି ଲୋକପ୍ରିୟ ଗୀତ ସମୂହ। ସ୍ୱର୍ଣ୍ଣାଭ ବେଳାଭୂମିରେ ଦୀପକଙ୍କ ସଂଗୀତ ତଡ଼କା ଓଲିଉଡ୍‌ର ମହମ୍ମଦ ନାସିରଙ୍କ କଣ୍ଠରେ ବି ଧୁମ ଧଡ଼ାକା ଗୀତ ଉପଭୋଗର ମଜ୍ଜା ଉଠାଇଥିଲେ ଦର୍ଶକ ଓ ପର୍ଯ୍ୟଟକ।

ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂଗୀତ ସନ୍ଧ୍ୟା ସହ କୋଲକାତାର ରାଇବେନ୍ସ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା । ନୃତ୍ୟ, ସଂଗୀତ, ପାରମ୍ପରିକ ଲୋକକଳା, ସମରକଳା ସହ କ୍ରୀଡ଼ା କାର୍ଯ୍ୟକ୍ରମର ଭରପୂର ସମ୍ଭାର ଭେଟି ଦେଇଥିବା ଦୁଇଦିନିଆ ପୁରୀ ମହୋତ୍ସବର ପରଦା ନଇଁଛି।

କାର୍ଯ୍ୟକ୍ରମରେ ଆଠ ସାହି ଆଖଡ଼ାର ସଭାପତି ରବୀନ୍ଦ୍ର ନାଥ ସେନାପତି, ପୁରୀ ହୋଟେଲ ସଂଘର ସଭାପତି ରାମକୃଷ୍ଣ ଦାସ ମହାପାତ୍ର, ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ତଳୁଛ ନୀଳକଣ୍ଠ ମହାପାତ୍ର, ଶ୍ରମନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା, ରବିଶଙ୍କର ପ୍ରତିହାରୀ, ପ୍ରଫୁଲ୍ଲ ସାମନ୍ତରା, ବିଶ୍ୱନାଥ ସାମନ୍ତରା ଓ ଗୌରହରି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ।

ଅନୁଷ୍ଠାନର ସଭାପତି ବିନୋଦ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କୃଷ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଡ. ବିଶ୍ୱନାଥ ମିଶ୍ର ଓ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁଧାଂଶୁ ରଥ, ସୁରେନ୍ଦ୍ର ନାୟକ, ଶଙ୍ଖମିତ୍ର ସିଂହାରୀ ମଞ୍ଚ ପରିଚାଳନା କରିଥିଲେ ।




ପୁରୀର ନୀଳାଦ୍ରି ବିଚ୍‌ରେ ୧.୫ ଟନ୍ ସେଓ ବ୍ୟବହାର କରି ନିର୍ମିତ, ଏହା ୬୦ ଫୁଟ × ୪୫ ଫୁଟ × ୨୨ ଫୁଟ ମାପ ନେଇ ବିଶ୍ୱ ଶାନ୍ତିର ବାର୍ତ୍ତା ବହନ କରୁଛି। ସ୍ୟାଣ୍ଡ ସାଣ୍ଟା କ୍ଲଜ୍ ସ୍ଥାପନ ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଛି, ଯାହାକୁ ବିଶ୍ୱ ରେକର୍ଡ ବୁକ୍ ଅଫ୍ ଇଣ୍ଡିଆ ଦ୍ୱାରା ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି।

## ପୁରୀ ଜିଲା ସ୍ୱାସ୍ଥ୍ୟ ସମିତି ଏକ ଅଭିନବ ପ୍ରୟାସ

# ଲୋକାର୍ପିତ ହେଲା 'ତୁରନ୍ତ'

ପୁରୀ: ଜିଲ୍ଲା ସଦରମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ଆଉ କେହି ଧାଡ଼ିରେ ଛିଡ଼ା ହେବେନି। ଆଉଟ୍‌ଡୋର୍‌ରେ ଡାକ୍ତରଙ୍କୁ ଭେଟିବା ପାଇଁ ଟିକେଟ୍ କରିବାକୁ ଆଉ କେହି ଧାଡ଼ି ବାନ୍ଧିବେନି। ଡାକ୍ତରଙ୍କୁ ଭେଟିବା ପାଇଁ ଘରେ ବସି ଟିକେଟ୍ ବୁକ୍ କରିହେବ। ଏଭଳି ଏକ ମୋବାଇଲ୍ ଆପ୍ ୫ଇ କେୟାର 'ତୁରନ୍ତ' ଲୋକାର୍ପିତ ହୋଇଛି। ଡିଆରଡିଏ ସମ୍ମିଳନୀ କକ୍ଷରେ ଏହାକୁ ଲୋକାର୍ପଣ କରିଛନ୍ତି କରିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲା ମୁଖ୍ୟାଳୟରେ ଅନ୍‌ଲାଇନ୍‌ରେ ଟିକେଟ୍ ବୁକ୍ କରିବା ବ୍ୟବସ୍ଥା ରୋଗୀଙ୍କୁ ଅନେକାଂଶରେ ଉପଶମ ଦେବ ବୋଲି କହିଛନ୍ତି ଜିଲ୍ଲାପାଳ ଶ୍ରୀ ପରିଡ଼ା।

ସିଡିଏମ୍‌ପିଏଚ୍‌ଓ ଡା. ଶତପଥୀ କହିଛନ୍ତି, ୫ଇ କେୟାର ଆପ୍ 'ତୁରନ୍ତ' ଗୁଗୁଲ୍ ପ୍ଲେ ଷ୍ଟୋର୍‌ରେ ଉପଲବ୍ଧ ଅଛି। ଏହାକୁ ଡାଉନ୍‌ଲୋଡ୍ କରିବା ପରେ ମୋବାଇଲ୍ ନମ୍ବର ଓ ଆଧାର ନମ୍ବରରେ ପଞ୍ଜୀକରଣ କରିବାକୁ ହେବ। ଥରେ




ପଞ୍ଜୀକୃତ ହୋଇଗଲେ ଏକ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଖାତା (ଆଭା) ନମ୍ବର ସୃଷ୍ଟି ହେବ। ଥରେ ପଞ୍ଜୀକରଣ ହୋଇଗଲେ ଯେତେବେଳେ ଚାହିଲେ ସେତେବେଳେ ଡାକ୍ତର ଦେଖାଇବା ପାଇଁ ସମୟ ବୁକ୍ କରିପାରିବେ। ଏହି ଆପ୍ ନିଜ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସମସ୍ତ ରେକର୍ଡ ସାଇତି ରଖିବ। ଲଗ୍‌ଇନ କରିବା ମାତ୍ରେ ଡାକ୍ତର ମଧ୍ୟ ପୁରୁଣା ରୋଗ ବିଷୟରେ ଜାଣି ପାରିବେ।

କାର୍ଯ୍ୟକ୍ରମରେ ସିଡିଏମ ପିଏଚ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଡିଏସ୍‌ଡବ୍ଲ୍ୟୁଓ ତନୁପ୍ରଭା ବେଉରା, ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟକ୍ରମକୁ ସମୀକ୍ଷା କରିଥିଲେ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ବିବାହ ପାଇଁ ମିଳିବ ୫୧ ହଜାର ଟଙ୍କା

ପୁରୀ: ଓଡ଼ିଶାରେ ଝିଅଙ୍କ ବିବାହ ଲାଗି ଆର୍ଥିକ ସହାୟତା ପାଇଁ ଏକ ଯୋଜନା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ନାମରେ ଲାଗୁ କରାଯାଇଛି। ଆର୍ଥିକ ଭାବରେ ଦୁର୍ବଳ ବର୍ଗ,ଗରିବଙ୍କ ପାଇଁ ନିର୍ଦ୍ଦିଷ୍ଟ ସୁବିଧା ସହିତ ସିଧାସଳଖ ବ୍ୟାଙ୍କ ସ୍ଥାନାନ୍ତର ପାଣ୍ଠି, ବିବାହ ଉପହାର କିଟ ଦିଆଯିବ। ଯାହାର ଲକ୍ଷ୍ୟ ବିବାହ ପଞ୍ଜିକରଣକୁ ପ୍ରୋତ୍ସାହିତ କରିବା ଏବଂ ବାଲ୍ୟବିବାହକୁ ରୋକିବା। ୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ୨୧ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ପ୍ରଥମ ଥର ବିବାହ ପାଇଁ ଏହି ଅର୍ଥ ଯୋଗାଇ ଦିଆଯିବ। ସେହିପରି ବିଧବାଙ୍କ ପୁନଃ ବିବାହ ପାଇଁ ମଧ୍ୟ ଏହି ସହାୟତା ମିଳି ପାରିବ। ୩୫ ହଜାର ଟଙ୍କା କନ୍ୟାଙ୍କ ଆକାଉଣ୍ଟକୁ ଯିବାକୁ ଥିବାବେଳେ ୧୦ ହଜାର ଟଙ୍କାରେ ବିବାହ ସରଞ୍ଜାମ କିଟ ଓ ୬ ହଜାର ଟଙ୍କାରେ ବିବାହ ସାଜସଜ୍ଜା କରାଯିବ। ସାଧାରଣତଃ ବୟସ/ଆୟ ପ୍ରମାଣପତ୍ର ଭଳି ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହିତ ୟୁଏମ୍‌ଏଏନ୍‌ଜି/ମାଇ ସ୍କିମ୍ ପୋର୍ଟାଲ୍ ମାଧ୍ୟମରେ ଆବେଦନକାରୀ ଅନଲାଇନ୍‌ରେ ଆବେଦନ କରିପାରିବେ ବୋଲି ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ଇଚ୍ଛୁକ ଏନଜିଓ ମାନେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ କୁ ଜିଲ୍ଲା ୱେବ ସାଇଟ www.puri.odisha.gov in ମାଧ୍ୟମରେ ଆବେଦନ କରିପାରିବେ।

# ମୁଖ୍ୟ ନିର୍ବାଚନ କମିଶନରଙ୍କ ପୁରୀର ଶ୍ରୀମନ୍ଦିର ,ରଘୁରାଜପୁର ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ

**ପୁରୀ :** ଭାରତର ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଜ୍ଞାନେଶ କୁମାର ତିନିଦିନିଆ ଓଡିଶା ଗସ୍ତରେ ଆସି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେବା ସହ ଐତିହାସିକ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି ।

ମୁଖ୍ୟ ନିର୍ବାଚନ କମିଶନର ଭୁବନେଶ୍ୱରରେ ପହଞ୍ଚିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରିବା ସହିତ ଓଡିଶାବାସୀଙ୍କୁ ଓଡ଼ିଆ ଭାଷାରେ ସମ୍ମାନ ଜଣାଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ଶ୍ରୀ ଆର ଏସ ଗୋପାଳନ ଏବଂ ବରିଷ୍ଠ ଅଧିକାରୀମାନେ ତାଙ୍କୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭବ୍ୟ ସ୍ୱାଗତ ଜଣାଇଥିଲେ। ପୁରୀ ଶ୍ରୀମନ୍ଦିରର ସମ୍ମୁଖରେ ଶ୍ରୀ କୁମାରଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡା, ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରତୀକ କୁମାର ସିଂ ଓ ଅନ୍ୟ ଅଧିକାରୀମାନେ ସ୍ୱାଗତ ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଅନ୍ୟ ଦେବାଦେବୀଙ୍କ ଦର୍ଶନ କରାଇଥିଲେ।

ଏହି ଅବସରରେ ମହାପ୍ରଭୁଙ୍କ ଆଶୀର୍ବାଦ ତାଙ୍କୁ ସାମ୍ବିଧାନିକ ଗୁରୁଦାୟିତ୍ୱ ଆହୁରି ଭଲ ଭାବରେ ସମ୍ପାଦିତ କରିବା ପାଇଁ ପ୍ରୋତ୍ସାହିତ କରିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ଆଶାବ୍ୟକ୍ତ କରିଥିଲେ। ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତି ବହୁ ପ୍ରାଚୀନ ଓ ଅନନ୍ୟ । ଏହି ଗସ୍ତ ସମୟରେ ସେ ସବୁ ବିଷୟରେ ମୁଁ ଅଧିକରୁ ଅଧିକ ଜାଣିବା ପାଇଁ ଚେଷ୍ଟା କରିବି ବୋଲି ସେ ପୁରୀରେ ଉଲ୍ଲେଖ କରିଥିଲେ ।

ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ ଓ ସେବାୟତମାନେ ତାଙ୍କୁ ମହାପ୍ରଭୁଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସ୍ୱତନ୍ତ୍ରତା, ନିଆରା ନୀତିକାନ୍ତି, ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ମନ୍ଦିରର କାରୁକାର୍ଯ୍ୟ ଓ ଭାବଭକ୍ତି ସମ୍ପର୍କରେ ଅବଗତ କରାଇଥିଲେ । ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ମୁଖ୍ୟ ନିର୍ବାଚନ କମିଶନର ସମୁଦ୍ର ପାର୍ଶ୍ୱବର ମାର୍ଗରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଯାତ୍ରା କରିଥିଲେ। କଳିଙ୍ଗ ଶୈଳୀର ଅନନ୍ୟ ନିର୍ମାଣ ଓ ୟୁନେସ୍କୋ ଘୋଷିତ ବିଶ୍ୱ ଐତିହ୍ୟ ସ୍ଥଳୀ କୋଣାର୍କର ଅଦ୍ଭୁତ କଳାନୈପୁଣ୍ୟ ଓ ଇତିହାସ ସମ୍ପର୍କରେ ଜାଣି ସେ ଅଭିଭୂତ ହୋଇଥିଲେ ।



କୋଣାର୍କରେ ନିର୍ବାଚନ କମିଶନର ଶ୍ରୀ କୁମାର କହିଥିଲେ ଯେ, କୋଣାର୍କ ସୂର୍ଯ୍ୟ ମନ୍ଦିର କେବଳ ଓଡ଼ିଶାର ନୁହଁ ବରଂ ଏହା ସମଗ୍ର ଭାରତର ମାନ ଓ ସମ୍ମାନ ଅଟେ। ମନ୍ଦିରର କଳେବର ଓ କାରୁକାର୍ଯ୍ୟକୁ ଅନୁଧ୍ୟାନ କଲେ ଜଣା ପଡେ ପ୍ରାଚୀନ ସମୟରେ ଆମ ଦେଶ ଧନ, ମାନ, ଜ୍ଞାନ ଓ ବିଜ୍ଞାନରେ କେତେଯେ ସମୃଦ୍ଧ ଥିଲା ସେ କଥା କଳ୍ପନା କଲେ ହୃଦୟ ଗର୍ବ ଓ ଗୌରବରେ ପୁରି ଉଠୁଛି ବୋଲି ଉଲ୍ଲେଖ କରିଥିଲେ ।

କୋଣାର୍କ ଓ ପୁରୀର ଶ୍ରୀମନ୍ଦିର ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ଅପୂର୍ବ ନିଦର୍ଶନ । ଏହି ସ୍ଥାନର ଦିବ୍ୟ ଅନୁଭୂତି ମୋର ସବୁଦିନ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ କୁମାର ପ୍ରକାଶ କରିଛନ୍ତି। ପୁରୀ ଓ କୋଣାର୍କ ପରିଦର୍ଶନ ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନଙ୍କ ସହିତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ଶ୍ରୀ ଗୋପୀନାଥ କଅଁର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଶ୍ରୀମତୀ ଅନାମିକା ସିଂ, ସ୍ଥାନୀୟ ପ୍ରଶାସନ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍‌ରେ ସପ୍ତମ ଇକୋ-ରିଟ୍ରିଟ୍ ଉଦ୍‌ଘାଟିତ

# ଏସିଆର ଶ୍ରେଷ୍ଠ ୫ରେ ସ୍ଥାନ ହାସଲ କରିବା: ମୁଖ୍ୟମନ୍ତ୍ରୀ




**ପୁରୀ:** ଚଳିତବର୍ଷ ପାଇଁ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ମୁଖ୍ୟରାସ୍ତାର ରାମଚଣ୍ଡୀ ମୁହାଣ ନିକଟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହୋଇଛି ସପ୍ତମ 'ଇକୋ-ରିଟ୍ରିଟ୍'। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବକୁ ଉଦ୍‌ଘାଟନ କରି କହିଛନ୍ତି ଯେ ପର୍ଯ୍ୟଟନ ପାଇଁ ରାଜ୍ୟ ସରକାର ଯେତେ ପ୍ରକାର ପଦକ୍ଷେପ ନେଉଛନ୍ତି, ତନ୍ମଧ୍ୟରୁ ଇକୋ-ରିଟ୍ରିଟ୍ ସବୁଠାରୁ ଆକର୍ଷଣୀୟ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ପ୍ରସିଦ୍ଧ ପର୍ଯ୍ୟଟନ ଅଂଚଳମାନଙ୍କରେ ହେଉଥିବା ଇକୋ-ରିଟ୍ରିଟ୍ ସ୍ଥାନରେ ରାଜ୍ୟ ସରକାରଙ୍କର କ୍ୟାବିନେଟ୍ ବୈଠକ ଓ ମନ୍ତ୍ରିମଣ୍ଡଳ ବୈଠକ ହେବ। ଓଡ଼ିଶାର ପର୍ଯ୍ୟଟନ ବିଭାଗ ପକ୍ଷରୁ କରାଯାଉଥିବା ପରିବେଶଭିତ୍ତିକ ଏହି ଇକୋ-ରିଟ୍ରିଟ୍ ସାରା ଭାରତବର୍ଷରେ ସୁନାମ ଅର୍ଜନ କରିବା ସହିତ ସଫଳତା ହାସଲ କରିପାରିଛି। ଭାରତବର୍ଷରେ ଓଡ଼ିଶା ଇକୋ-ରିଟ୍ରିଟ୍ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ୍ ଭାବେ ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ସାତକୋଶିଆ, ଭିତରକନିକା, ଦାରିଙ୍ଗବାଡ଼ି, ସୋନାପୁର ଓ କୋଣାର୍କରେ ଏହି ସବୁ ଇକୋ-ରିଟ୍ରିଟ୍ ଓଡ଼ିଶାର ପରିବେଶ ପର୍ଯ୍ୟଟନର ଗୁରୁତ୍ୱ ବୃଦ୍ଧି କରିଛି। ସ୍ଥାନୀୟ ଲୋକମାନଙ୍କ ପାଇଁ ଜୀବିକା ସୃଷ୍ଟି, ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି, ସ୍ଥାନୀୟ ଅର୍ଥନୀତିର ଅଭିବୃଦ୍ଧି-ଏସବୁ କ୍ଷେତ୍ରରେ ଇକୋ-ରିଟ୍ରିଟ୍ ଏକ ମଡେଲ ଅଭିଯାନ। ଓଡ଼ିଶାର ଅନ୍ୟାନ୍ୟ ପ୍ରାକୃତିକ ସ୍ଥାନରେ ଏହିପରି ବ୍ୟବସ୍ଥା କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଗକୁ କିପରି ଏହି ଇକୋ ରିଟ୍ରିଟ୍‌କୁ ଆହୁରି ବ୍ୟବସ୍ଥିତ କରାଯାଇ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରାଯାଇ ପାରିବ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ବିଧାୟକ ଆଶ୍ରିତ ପଟ୍ଟନାୟକ, ଉକ୍ତ ଉଦଘାଟନ ଉତ୍ସବରେ ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, କାକଟପୁର ବିଧାୟକ ଶ୍ରୀ ତୁଷାରକାନ୍ତି ବେହେରା, ସତ୍ୟବାଦୀ ବିଧାୟକ ଶ୍ରୀ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଶ୍ରୀମତୀ ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ପର୍ଯ୍ୟଟନ ସଚିବ ଶ୍ରୀ ବଳବନ୍ତ ସିଂ, ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ।

# କର୍ତ୍ତବ୍ୟ ପଥରେ ଗଢ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର: ଆସନ୍ତା ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଗଢ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ଼। ସ୍ୱଦେଶୀ ସାମଗ୍ରୀ ଉତ୍ପାଦନ ମାଧ୍ୟମରେ 'ଆତ୍ମନିର୍ଭର ଭାରତ' ଗଠନ ଦୃଷ୍ଟିକୋଣକୁ ନେଇ ଚଳିତ ବର୍ଷ ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ ରହିଛି 'ସମୃଦ୍ଧିର ମନ୍ତ୍ର ଆତ୍ମନିର୍ଭର ଭାରତ'। ଏହି ବିଷୟବସ୍ତୁ ଆଧାରରେ 'କୃଷିରୁ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ' ଆତ୍ମନିର୍ଭର ଭାରତ ଗଠନରେ ଓଡ଼ିଶାର ଅବଦାନକୁ ଓଡ଼ିଶାର ପ୍ରଜ୍ଞାପନ ମେଢ଼ରେ ଦେଖିବାକୁ ମିଳିବ।

ଚଳିତ ବର୍ଷ ପ୍ରଜ୍ଞାପନ ମେଢ଼ରେ ଓଡ଼ିଶାର କୃଷି ଓ ସାଂସ୍କୃତିକ ସମୃଦ୍ଧିରୁ ଆଧୁନିକ ଶିଳ୍ପ, ଦକ୍ଷତା ବିକାଶ ଏବଂ ନବସୃଜନ ଓ ପ୍ରଯୁକ୍ତିର ଏକ ସମ୍ମିଳିତ ଦୃଶ୍ୟ ଉପସ୍ଥାପନ କରାଯିବ। ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ଓଡ଼ିଶା କିପରି ତାହାର ପ୍ରାକୃତିକ ସମ୍ପଦ, ସାଂସ୍କୃତିକ ଐତିହ୍ୟ, ମାନବ ସମ୍ବଳ ଓ ପ୍ରଯୁକ୍ତିବିଦ୍ୟା ଉପଯୋଗରେ ଏକ ଆତ୍ମନିର୍ଭର ଭାରତ ଗଠନକୁ ଇନ୍ଧନ ପ୍ରଦାନ କରୁଛି, ତାହା ଓଡ଼ିଶାର ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ପ୍ରଦର୍ଶିତ ହେବ। କୃଷି, ଶିଳ୍ପ, ଅର୍ଥନୀତି, ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଓ ପ୍ରଯୁକ୍ତିବିଦ୍ୟା ଚାଳିତ ସମାଧାନ ଆଦି ବିଭିନ୍ନ ପ୍ରତୀକାତ୍ମକ ଉପାଦାନଗୁଡ଼ିକୁ ଏକତ୍ରିତ କରି ରାଜ୍ୟର ସାମଗ୍ରିକ ବିକାଶ ମଡେଲ ଏବଂ ଭାରତର ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉପସ୍ଥାପିତ କରାଯିବ।

ଶ୍ରୀଜଗନ୍ନାଥ ରଥର ଭୂମି ଭାବେ ନିର୍ମିତ ପ୍ରଜ୍ଞାପନ ମେଢ଼ର ସମ୍ମୁଖ ଭାଗ ଉପରେ ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତୀକରଣ ପ୍ରତି ଓଡ଼ିଶାର ପ୍ରତିଶ୍ରୁତିବଦ୍ଧତା ପ୍ରଦର୍ଶନ କରାଯାଇଥିବା ବେଳେ, ମଧ୍ୟ ଭାଗରେ ସ୍ଥାୟୀ ଜୀବିକା ଓ ରାଜ୍ୟର କୃଷି ଉତ୍କୃଷ୍ଟତାର ପ୍ରତିନିଧିସ୍ୱରୂପ କୋରାପୁଟ କଫି ଏବଂ ଏହାର ଅପର ପାର୍ଶ୍ୱରେ ଉନ୍ନତ ପ୍ରଯୁକ୍ତିବିଦ୍ୟା ଆଧାରିତ ଜଟିଳ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଦିଗରେ ଓଡ଼ିଶାର ପ୍ରଗତିକୁ ସିଲିକନ୍ ସେମିକଣ୍ଡକ୍ଟର ଚିପ୍ ମାଧ୍ୟମରେ ଉପସ୍ଥାପିତ କରାଯିବ। ପଶ୍ଚାତ୍ ଭାଗରେ ଓଡ଼ିଶାର ଅନନ୍ୟ ସ୍ଥାପତ୍ୟ ଏବଂ କାଳଜୟୀ କଳାତ୍ମକ ଐତିହ୍ୟର ପ୍ରଦର୍ଶନସ୍ୱରୂପ କୋଣାର୍କ ସୂର୍ଯ୍ୟ ମନ୍ଦିରର ଏକ ପ୍ରତିରୂପ ସ୍ଥାନିତ ହେବ। ସମ୍ବଲପୁରୀ ବସ୍ତ୍ର ଆଚ୍ଛାଦିତ ପ୍ରଜ୍ଞାପନ ମେଢ଼ର ଉଭୟ ପାର୍ଶ୍ୱରେ ପାରମ୍ପରିକ ଜନଜାତି ଚିତ୍ରକଳା ଉପରେ ରୁପା ତାରକସୀ କାରୁକାର୍ଯ୍ୟ, ଓଡ଼ିଶାର ଗରିମାମୟ ସାଂସ୍କୃତିକ ପରିଚୟ ଏବଂ ଉତ୍କୃଷ୍ଟ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରିବ।

ପ୍ରାଚୀନ ଷୋଡ଼ଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ଲୋକପ୍ରିୟ ଥିବା ଓଡ଼ିଶାର ଅନ୍ୟତମ ଲୋକନୃତ୍ୟ ଚଇତି ଘୋଡ଼ା ଗୀତ ଓ ନୃତ୍ୟ ମାଧ୍ୟମରେ ନୃତ୍ୟଶିଳ୍ପୀମାନେ ଆତ୍ମନିର୍ଭର ଭାରତରେ ଓଡ଼ିଶାର ଭୂମିକାକୁ ପ୍ରଜ୍ଞାପନ ମେଢର ଉଭୟ ପାର୍ଶ୍ୱରେ ଉପସ୍ଥାପନ କରିବେ। ଗତ ନଭେମ୍ବର ୧୧ ତାରିଖରୁ ଚଳିତ ଡିସେମ୍ବର ୨୨ ତାରିଖ ମଧ୍ୟରେ ୫ଟି ପର୍ଯ୍ୟାୟରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରାଳୟ ଦ୍ୱାରା ମନୋନୀତ ବିଶେଷଜ୍ଞ କମିଟିର ପର୍ଯ୍ୟାଲୋଚନା ପରେ ସାଧାରଣତନ୍ତ୍ର ଦିବସରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ କର୍ତ୍ତବ୍ୟ ପଥରେ ପ୍ରଦର୍ଶନ ପାଇଁ ଆଜି ପ୍ରତିରକ୍ଷା ମନ୍ତ୍ରାଳୟ ତରଫରୁ ସୂଚନା ପ୍ରାପ୍ତ ହୋଇଛି।

# କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ବିଜେପିର ପ୍ରତିନିଧି ଦଳ



**ଭୁବନେଶ୍ୱର:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ସାଂସଦ, ବିଧାୟକ ତଥା ବିଜେପିର ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀ ଠାରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟିଛନ୍ତି । ଓଡ଼ିଶାର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରେ ଉଷୁନା ଚାଉଳ ଉଠାଣ ପରିମାଣ ୨୦ ଲକ୍ଷ ମେଟ୍ରିକ ଟନରୁ ବଢ଼ାଇ ୨୫ ଲକ୍ଷ ମେଟ୍ରିକ ଟନ କରିବା ପାଇଁ ଅନୁରୋଧ କରିଛନ୍ତି ।

ଏ ସମ୍ପର୍କିତ ଏକ ପତ୍ର ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି, ଯେଉଁଥିରେ ଉଲ୍ଲେଖ ରହିଛି ୨୦୨୪-୨୫ ବର୍ଷ ପାଇଁ ଖରିଫ ଓ ରବି ଋତୁ ପାଇଁ ଓଡ଼ିଶାର ଧାନ ସଂଗ୍ରହ ପରିମାଣକୁ ୫୦ ଲକ୍ଷ ମେଟ୍ରିକ ଟନରୁ ୫୮ ଲକ୍ଷ ମେଟ୍ରିକ ଟନ ବୃଦ୍ଧି କରାଯାଇଛି । ଏଥିପାଇଁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଏହି ଧାନ ସଂଗ୍ରହ ପରିମାଣ ବୃଦ୍ଧି ରାଜ୍ୟର ଚାଷୀ ସମାଜର ଆତ୍ମବିଶ୍ୱାସକୁ ବଢ଼ାଇବା ସହ ସୁରୁଖୁରୁରେ ସଂଗ୍ରହ କାର୍ଯ୍ୟକୁ ସୁନିଶ୍ଚିତ କରିଛି । ତେବେ ଓଡ଼ିଶାରେ ବିଶେଷ ଭାବରେ ଉଷୁନା ଚାଉଳ ଅଧିକ ଉତ୍ପାଦନ ହେଉଥିବା ବେଳେ ୨୦୨୫-୨୬ ଖରିଫ ଋତୁ ପାଇଁ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଯାଇଥିବାରୁ ଉଷୁନା ଚାଉଳର ତୁରନ୍ତ ଉଠାଣ ନିତ୍ୟାନ୍ତ ଜରୁରୀ। ଏହି ପରିପ୍ରେକ୍ଷୀରେ, କେନ୍ଦ୍ରୀୟ ପୁଲ ଅଧୀନରେ ଉଭୟ ଖରିଫ ଓ ରବି ଋତୁ ପାଇଁ ଓଡ଼ିଶାର ଉଷୁନା ଚାଉଳ ଉଠାଣ ପରିମାଣକୁ ବର୍ତ୍ତମାନର ୨୦ ଲକ୍ଷ ମେଟ୍ରିକ୍ ଟନକୁ ବଢ଼ାଇ ୨୫ ଲକ୍ଷ ମେଟ୍ରିକ୍ ଟନ କରିବା ପାଇଁ ଅନୁରୋଧ କରିଛନ୍ତି । ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଦ୍ୱାରା ବଳକା ଥିବା ଏହି ଉଷୁନା ଚାଉଳର ଶୀଘ୍ର ଉଠାଣ ହେଲେ ଓଡ଼ିଶାର ଚାଷୀମାନେ ବିଶେଷ ଭାବରେ ଲାଭବାନ ହେବେ ଏବଂ ଜାତୀୟ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ଆହୁରି ମଜବୁତ୍ ହେବ ।




ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ବିରଳ ଫାଶି କାଠ ସ୍ୱଇଚ୍ଛାରେ ଦାନ କରିଥିବା ଦାତାମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସଦର କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ୨୦୨୫ ବର୍ଷର ୬୯ ଜଣ ଫାଶି କାଠ ଦାତାଙ୍କୁ ଗଜପତି ମହାରାଜା ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମ୍ବର୍ଦ୍ଧିତ କରିଛନ୍ତି।

# ଶିଳ୍ପ ଗୁରୁ ଏବଂ ଜାତୀୟ ହସ୍ତଶିଳ୍ପ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର: ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ୨୦୨୩ ଏବଂ ୨୦୨୪ ପାଇଁ ଶିଳ୍ପ ଗୁରୁ ପୁରସ୍କାର ଏବଂ ଜାତୀୟ ହସ୍ତଶିଳ୍ପ ପୁରସ୍କାର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ହସ୍ତଶିଳ୍ପ କ୍ଷେତ୍ରରେ ଭାରତର ମହାନ କାରିଗର, ଡିଜାଇନର୍, ଷ୍ଟାର୍ଟ-ଅପ୍ ଏବଂ ନବସୃଜନକାରୀଙ୍କ ଉଲ୍ଲେଖନୀୟ ଅବଦାନକୁ ସମ୍ମାନିତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଶ୍ରୀ ଗିରିରାଜ ସିଂହ, ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପବିତ୍ର ମାର୍ଗେରିଟା, ବୟନ ସଚିବ ଶ୍ରୀମତୀ ନୀଲମ ଶାମି ରାଓ ଏବଂ ବିକାଶ କମିଶନର (ହସ୍ତଶିଳ୍ପ) ଶ୍ରୀମତୀ ଅମୃତ ରାଜଙ୍କ ସହିତ କାରିଗର, ଶିଳ୍ପ ନେତା, ରପ୍ତାନିକାରୀ, ଡିଜାଇନର ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୋଟ ୪୮ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ୧୨ଟି ଶିଳ୍ପ ଗୁରୁ ପୁରସ୍କାର ଓ ୨ଟି ଡିଜାଇନ୍ ଏବଂ ନବସୃଜନ ପୁରସ୍କାର (କାରୀଗର-ଡିଜାଇନର୍ ସହଯୋଗ) ସମେତ ୩୬ଟି ଜାତୀୟ ପୁରସ୍କାର ଅନ୍ତର୍ଭୁକ୍ତ। ପୁରସ୍କୃତଙ୍କ ମଧ୍ୟରେ ୨୦ ଜଣ ମହିଳା କାରିଗର ଅଛନ୍ତି, ଯାହା ହସ୍ତଶିଳ୍ପ କ୍ଷେତ୍ରରେ ମହିଳାମାନଙ୍କ ବୃଦ୍ଧି ପାଉଥିବା ଅଂଶଗ୍ରହଣ ଏବଂ ନେତୃତ୍ୱକୁ ପ୍ରତିଫଳିତ କରିଥାଏ। ପୁରସ୍କୃତ ହୋଇଥିବା ଶିଳ୍ପୀମାନଙ୍କ ମଧ୍ୟରେ କାଠ କାମ, ଧାତୁ କାରିଗରୀ, ମାଟି ମଡେଲିଂ, ଝୋଟ ଶିଳ୍ପ, ହସ୍ତ-ମୁଦ୍ରିତ ବୟନଶିଳ୍ପ, ପଟ୍ଟଚିତ୍ର, କଳାତ୍ମକ ବୟନ, ମୂର୍ତ୍ତି, ଟେରାକୋଟା, ବେତ ଏବଂ ବାଉଁଶ, ପଥର ଖୋଦନ, କାଗଜ କାର୍ଯ୍ୟ, କାର୍ପେଟ, ଖେଳଣା କାରିଗରଙ୍କ ସହିତ ଅନ୍ୟାନ୍ୟ ଶିଳ୍ପ କାରିଗରମାନେ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ। କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଶ୍ରୀ ଗିରିରାଜ ସିଂହ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କ ସଫଳତାରେ ଗର୍ବ ପ୍ରକାଶ କରିଥିଲେ ଏବଂ ଭାରତର ସାମାଜିକ-ଆର୍ଥିକ ପରିଦୃଶ୍ୟରେ ହସ୍ତଶିଳ୍ପ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ପବିତ୍ରା ମାର୍ଗେରିଟା କହିଥିଲେ ଯେ, ଏହି ସମାରୋହ କେବଳ ଏକ ପୁରସ୍କାର ସମାରୋହ ନୁହେଁ, ବରଂ ଭାରତର କାରିଗରମାନଙ୍କ ଉଲ୍ଲେଖନୀୟ ଯାତ୍ରାର ଏକ ଉତ୍ସବ। ଶ୍ରୀମତୀ ନୀଲମ ଶାମି ରାଓ, ସଚିବ (ବୟନଶିଳ୍ପ) କହିଛନ୍ତି ଯେ ଏହି ପୁରସ୍କାରଗୁଡ଼ିକ ଦେଶର ହସ୍ତଶିଳ୍ପ ସମ୍ପ୍ରଦାୟ ପାଇଁ ପ୍ରୋତ୍ସାହନର ଏକ ମହାନ ଉତ୍ସ ଏବଂ ପାରମ୍ପରିକ ହସ୍ତଶିଳ୍ପ ଅଭ୍ୟାସ ପ୍ରତି ଦେଶର ଗଭୀର ସମ୍ମାନକୁ ପ୍ରଦର୍ଶନ କରେ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଏପରି ମାନ୍ୟତା ଭାରତର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବାରେ ସାହାଯ୍ୟ କରିବା ସହିତ କାରିଗରମାନଙ୍କୁ ସେମାନଙ୍କର ସୃଜନଶୀଳତା ଜାରି ରଖିବାକୁ ପ୍ରେରଣା ଦିଏ। ତାଙ୍କ ଶେଷ ବକ୍ତବ୍ୟରେ, ବିକାଶ କମିଶନର (ହସ୍ତଶିଳ୍ପ) ଶ୍ରୀମତୀ ଅମୃତ ରାଜ, ବୟନ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରପତି, କେନ୍ଦ୍ର ବୟନ ମନ୍ତ୍ରୀ, ବୟନ ରାଷ୍ଟ୍ରମନ୍ତ୍ରୀ ଏବଂ ସଚିବ (ବୟନ) ଙ୍କୁ ସେମାନଙ୍କର ଉପସ୍ଥିତି ଏବଂ ଦେଶର କାରିଗରମାନଙ୍କୁ ନିରନ୍ତର ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ।




# ଭୁବନେଶ୍ୱରରେ ଆରମ୍ଭ ହେଲା ଆଞ୍ଚଳିକ ଏଆଇ ପ୍ରଭାବ ସମ୍ମିଳନୀ

ଭୁବନେଶ୍ୱର: ଭୁବନେଶ୍ୱରରେ ଏଆଇ ପ୍ରଭାବ ସମ୍ମିଳନୀ ଆରମ୍ଭ ହୋଇଛି। ସମ୍ମିଳନୀର ପ୍ରଥମ ଦିନରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ଅଧୀନ ଇଣ୍ଡିଆ ଏଆଇ ମିଶନ ଏବଂ ଓଡ଼ିଶା ସରକାରଙ୍କ ସହଭାଗିତାରେ 'ଏଆଇ ସମ୍ବଳର ସାର୍ବଜନୀନକରଣ ଉପରେ କାର୍ଯ୍ୟଗୋଷ୍ଠୀ ବୈଠକ' ଅନୁଷ୍ଠିତ ହୋଇଛି। ଏହି ଅଧିବେଶନରେ ଇଜିପ୍ଟ ସହ ଅଧ୍ୟକ୍ଷତା କରିଥିବା ବେଳେ ଏଆଇ ସମ୍ବଳଗୁଡ଼ିକର ସାର୍ବଜନୀନକରଣ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ଏହି କାର୍ଯ୍ୟଗୋଷ୍ଠୀ ବୈଠକରେ ବରିଷ୍ଠ ନୀତି ନିର୍ଦ୍ଧାରକ, ଶିଳ୍ପ ବିଶେଷଜ୍ଞ, ଶିକ୍ଷାବିତମାନେ ଅଂଶଗ୍ରହଣ କରିଥିଲେ। ସେମାନେ ଡାଟା ଭିତ୍ତିଭୂମି, କମ୍ପ୍ୟୁଟ୍ ଆକ୍ସେସ୍, ଦକ୍ଷତା ବିକାଶ ଏବଂ ଇଣ୍ଡିଆ ଏଆଇ ମିଶନ ଅଧୀନରେ କ୍ଷେତ୍ରୀୟ ଏଆଇ ନିୟୋଜନକୁ ନେଇ ରଣନୀତି ବିକଶିତ କରିବା ଲଗି ବିଚାରବିମର୍ଶ କରିଥିଲେ।

ଭାରତ ଏଆଇ ପ୍ରଭାବ ଶିଖର ସମ୍ମିଳନୀ କାର୍ଯ୍ୟଗୋଷ୍ଠୀ ଇଣ୍ଡିଆ ଏଆଇ ମିଶନର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଏଥିରେ ସାତଟି ବିଷୟବସ୍ତୁ ଆଧାରିତ ମଞ୍ଚ ରହିଛି। ଏଥିରେ ସରକାର, ଶିଳ୍ପ, ଶିକ୍ଷା ଏବଂ ନାଗରିକ ସମାଜର ପ୍ରତିନିଧିମାନେ ଅଂଶଗ୍ରହଣ କରିବା ସହିତ ସାରା ଦେଶରେ ଏଆଇର ଗ୍ରହଣୀୟତାକୁ ନେଇ କାର୍ଯ୍ୟକାରିତା ଯୋଗ୍ୟ ରୂପରେଖ ବିକଶିତ କରିବାକୁ ନେଇ ଆଲୋଚନା କରିଥା'ନ୍ତି। ଏହି ଗୋଷ୍ଠୀଗୁଡ଼ିକ ମାନବ ପୁଞ୍ଜି, ସାମାଜିକ ସଶକ୍ତିକରଣର ଅନ୍ତର୍ଭୂକ୍ତିକରଣ, ସୁରକ୍ଷିତ ଏବଂ ବିଶ୍ୱସନୀୟ ଏଆଇ, ଦୃଢ଼ତା ଓ ନବୋନ୍ମେଷ ଏବଂ ଦକ୍ଷତା, ବିଜ୍ଞାନ ଏବଂ ଆର୍ଥିକ ବିକାଶ ଓ ସାମାଜିକ କଲ୍ୟାଣ ପାଇଁ ଏଆଇ ଉପରେ ଧ୍ୟାନ କେନ୍ଦ୍ରିତ କରିଥା'ନ୍ତି। ଭୁବନେଶ୍ୱରରେ ଆଜି ଅନୁଷ୍ଠିତ ଅଧିବେଶନରେ ଏଆଇ ସମ୍ବଳକୁ ସାର୍ବଜନୀନ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ମୌଳିକ ଏଆଇ ସମର୍ଥକଙ୍କର ସମାନ ଉପଲବ୍ଧତା ଉପରେ ସହମତିକୁ ପ୍ରୋତ୍ସାହିତ କରିବା ନେଇ ଅଧିବେଶନରେ ବିଚାରବିମର୍ଶ କରାଯାଇଥିଲା।




କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଭାରତର ଜନକେନ୍ଦ୍ରିକ ଶାସନ ପାଇଁ ଏଆଇ ମିଶନ ଅନ୍ତର୍ଗତ ସାତଟି ଚକ୍ର ମଧ୍ୟରୁ ଅନ୍ୟତମ ରୂପେ ଏଆଇ ସମ୍ବଳକୁ ସାର୍ବଜନୀନ କରିବା ଉପରେ ଆଲୋକପାତ କରିଥିଲେ। ଏହି ଉଦ୍ଦେଶ୍ୟକୁ ସାକାର କରିବା ଦିଗରେ ଆଞ୍ଚଳିକ ଏଆଇ ପ୍ରଭାବ ସମ୍ମିଳନୀ ସହାୟକ ହେବ ବୋଲି ସେ କହିଥିଲେ।

ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ମନୋଜ ଆହୁଜା କହିଥିଲେ, ଭାରତର ସାର୍ବଜନୀନ ଡିଜିଟାଲ୍ ଭିତ୍ତିଭୂମି ଆଭିମୁଖ୍ୟ ସହିତ ସମନ୍ୱୟ ରଖିବା ସହିତ କମ୍ପ୍ୟୁଟ୍ ଏବଂ ତଥ୍ୟ ଭଳି ସୁଲଭ ସାର୍ବଜନୀନ ସାମଗ୍ରୀ ମାଧ୍ୟମରେ ନାଗରିକମାନଙ୍କୁ ସଶକ୍ତ କରି ଏଆଇ ସ୍ୱାଭାବିକ ଭାବରେ ବୁଦ୍ଧିମତ୍ତାକୁ ସାର୍ବଜନୀନ କରିଥାଏ।

ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ସଚିବ ସୌରଭ ଗର୍ଗ ଫେବୃଆରୀରେ ଅନୁଷ୍ଠିତ ହେବାକୁ ଥିବା ଭାରତ ଏଆଇ ପ୍ରଭାବ ଶିଖର ସମ୍ମିଳନୀ ପାଇଁ ଓଡ଼ିଶା କାର୍ଯ୍ୟଗୋଷ୍ଠୀକୁ ଏକ ପ୍ରମୁଖ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ । ଇଜିପ୍ଟ ଏବଂ କେନିଆ ସମ୍ମିଳନୀର ଅଧ୍ୟକ୍ଷତା କରିବାକୁ ଥିବା ବେଳେ ୫୦ରୁ ଅଧିକ ଦେଶ ଏଥିରେ ଭାଗ ନେଇ ଏଆଇ ସମ୍ବଳକୁ ସାର୍ବଜନୀନ କରିବା ଦିଗରେ ରୂପରେଖ ଚୂଡ଼ାନ୍ତ କରିବେ।

# ରତ୍ନଭଣ୍ଡାର ତଦାରଖ କମିଟିର ଉଚ୍ଚସ୍ତରୀୟ ବୈଠକ




## ରଥଯାତ୍ରା ପୂର୍ବରୁ ହୋଇପାରେ ଗଣତିମଣତି

**ପୁରୀ:** ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବସିଥିବା ରତ୍ନଭଣ୍ଡାର ତଦାରଖ କମିଟି ବୈଠକରେ ୫ ଘଣ୍ଟାର ଆଲୋଚନା ହେଲା। ମାତ୍ର ଗଣତିମଣତି କେବେ ହେବ, ତାରିଖ ଧାର୍ଯ୍ୟ ହୋଇ ପାରିଲାନାହିଁ। ଆସନ୍ତା ରଥଯାତ୍ରା ପୂର୍ବରୁ ଗଣତିମଣତି ହୋଇପାରେ ବୋଲି କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି। ଗଣତିମଣତି କିଭଳି ହେବ ସେ ନେଇ ଏସ୍‌ଓପିର ଏକ ଚିଠା ପ୍ରସ୍ତାବ ପାରିତ ହୋଇଛି। ଏହା ପରିଚାଳନା କମିଟିର ସ୍ୱୀକୃତି ପାଇବା ପରେ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ସରକାର ଏସ୍‌ଓପି ଜାରି କରିବା ପରେ ଗଣତିମଣତି କରାଯିବ।ପରିଚାଳନା କମିଟି ସ୍ୱୀକୃତି ପରେ ସରକାର ଜାରି କରିବେ ଏସ୍‌ଓପି

ଶୁକ୍ରବାର ବସିଥିବା ବିଧି ସବ୍‌କମିଟି ବୈଠକରେ ଏକ ଚିଠା ପ୍ରସ୍ତାବ ଆଗତ କରାଯାଇଥିଲା। ସେ ଅନୁଯାୟୀ ଆଜି ଆଲୋଚନା ହୋଇଥିଲା। ଗଣତିମଣତି ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେଭଳି ବ୍ୟାଘାତ ନହେବ ତାହା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଗଣତିମଣତି ଦିନ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ କରାଯିବ ନାହିଁ। କିନ୍ତୁ ଭିତରକାଠ ଦର୍ଶନ ବନ୍ଦ ରହିବ। ଭକ୍ତମାନେ ବାହାରକାଠରୁ ଦର୍ଶନ କରିବେ। କେବଳ ଅଧିକୃତ ସେବକ ବା ପାଳିଆ ସେବକ ଗର୍ଭଗୃହକୁ ପ୍ରବେଶ କରିବେ। ସେମାନଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ କରାଯିବ। ତିନିଟି ପର୍ଯ୍ୟାୟରେ ଗଣତିମଣତି ହେବ। ପ୍ରଥମେ ଚଳନ୍ତି (ନିୟମିତ ବ୍ୟବହାର୍ଯ୍ୟ) ରତ୍ନ ଗଣତି କରାଯିବ। ପରେ ବାହାର ରତ୍ନଭଣ୍ଡାରର ଓ ଶେଷ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାର ଗଣତିମଣତି ହେବ।ରତ୍ନଭଣ୍ଡାର ଭିତରେ ହିଁ ଏହି ସବୁ ପ୍ରକ୍ରିୟା ହେବ। ଭିତର ରତ୍ନଭଣ୍ଡାର ଗଣତିମଣତି ସମୟରେ ପରିଚାଳନା କମିଟିର ସେବକ ପ୍ରତିନିଧି, ଆର୍‌ବିଆଇର ପ୍ରତିନିଧି, ବଣିଆ ସେବକ ଉପସ୍ଥିତ ରହିବେ। ୧୯୭୮ ମସିହା ଗଣତିମଣତି ତାଲିକା ସହ ମେଳକ କରାଯିବ। ସମୁଦାୟ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ସମସ୍ତ ପ୍ରକ୍ରିୟା ଶେଷ ପରେ ଉଭୟ ଭଣ୍ଡାରର ଚାବି ଜିଲ୍ଲା ଟ୍ରେଜେରିରେ ରଖାଯିବ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ସମେତ ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପାଟଯୋଶୀ ମହାପାତ୍ର, ଅନ୍ୟ ବରିଷ୍ଠ ସେବାୟତ ଓ ଅଧିକାରୀ ଉପସ୍ଥିତ ଥିଲେ।

## ସମ୍ବଲପୁର ରେଳ ଡିଭିଜନର 'ଡିଭିଜନାଲ ବୈଠକ'ରେ କେନ୍ଦ୍ରମନ୍ତ୍ରୀ

# ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ: ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସମ୍ବଲପୁର ରେଳ ଡିଭିଜନର 'ଡିଭିଜନାଲ ବୈଠକ'ରେ ଓଡ଼ିଶାର ପଶ୍ଚିମାଞ୍ଚଳ ଓ ପଡ଼ୋଶୀ ଛତିଶଗଡ଼ର ଲୋକସଭା ସାଂସଦମାନଙ୍କ ଉପସ୍ଥିତିରେ ରେଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଳାହାଣ୍ଡି, ବଲାଙ୍ଗୀର, ବରଗଡ଼ ଏବଂ ଛତିଶଗଡ଼ର ସାଂସଦମାନେ ଯୋଗଦେଇ ଅଞ୍ଚଳର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର, ତାଳଚେର-ବିମଳାଗଡ଼, ଜରପଡ଼ା-ସମ୍ବଲପୁର ଏବଂ ଶାସନ-ଝାରସୁଗୁଡ଼ା ତୃତୀୟ ଓ ଚତୁର୍ଥ ଲାଇନ କାର୍ଯ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏହି ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଚର୍ଚ୍ଚା ହୋଇଛି । ବରଗଡ଼-ନୂଆପଡ଼ା, ଝାରସୁଗୁଡ଼ା-ବାରକୋଟ ଏବଂ ଏମସିଏଲ ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରାଥମିକତା ପ୍ରଦାନ କରାଯାଇଛି । ଓଡ଼ିଶାର ପଶ୍ଚିମାଞ୍ଚଳରୁ ବିଶାଖାପାଟଣା, ରାୟପୁର, ରାଞ୍ଚି ସମେତ ଅନ୍ୟ ରାଜ୍ୟଗୁଡ଼ିକୁ ଅଧିକ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ କରାଇବା ପାଇଁ ଦାବି ଏବଂ ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଛି । ଯାତ୍ରୀସେବାରେ ଉନ୍ନତି ଆଣିବା ପାଇଁ 'ଅମୃତ ଷ୍ଟେସନ' ଯୋଜନା ଅନ୍ତର୍ଗତ ସମ୍ବଲପୁର ସମେତ ଅନ୍ୟାନ୍ୟ ରେଳ ଷ୍ଟେସନଗୁଡ଼ିକର ନବୀକରଣ ଓ ଆଧୁନିକୀକରଣ କାର୍ଯ୍ୟକୁ ଆଗେଇ ନେବା ଦିଗରେ ମଧ୍ୟ ଚର୍ଚ୍ଚା ହୋଇଛି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନେତୃତ୍ୱରେ ଓଡ଼ିଶାର ରେଳ କ୍ଷେତ୍ରକୁ ବିଶେଷ ଅଗ୍ରାଧିକାର ମିଳୁଛି । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉତ୍ତମ ସମନ୍ୱୟ କାରଣରୁ ବହୁ ବର୍ଷରୁ ଅଟକି ରହିଥିବା ପ୍ରକଳ୍ପଗୁଡ଼ିକ ଏବେ ଗତିଶୀଳ ହେବାରେ ଲାଗିଛି ।



# ଜଗନ୍ନାଥ ମନ୍ଦିରରେ କୃଷ୍ଣ ଉପାସନାର ରହସ୍ୟ

**ଅପୂର୍ବ ରଂଜନ ରାୟ**

ଜଗନ୍ନାଥ ଯେପରି ରହସ୍ୟମୟ, ବିଭିନ୍ନ ଦେବଦେବୀଙ୍କ ଉପାସନାର ହର୍ ମଧ୍ୟ ସେହିପରି ଗହସ୍ୟାବୃତ । ରାଜାମୟ ଶ୍ରୀଜଗନ୍ନାଥ, କୃଷ୍ଣଙ୍କର ଏକ ଅଂଶ କି ଶ୍ରୀଜଗନ୍ନାଥ ସ୍ୱୟଂସଂପୂର୍ଣ, ଦା ଏକ ବିତର୍କର ବିଷୟ । ଦୁହେଁ ଯାକ ଅଲୌହିତ ପୁରୁଷ ଓ ଲୀଳାମୟ ଅବତାର, ଏହା ଅସ୍ୱୀକାର କରାଯାଇପାରେ । ଦୁର୍ଜଙ୍କ ଭିତରେ ଯେ ସମ୍ପର୍କ ଖୁବ୍ ଘନିଷ୍ଠ ଓ ଦୁହେଁ ପରସ୍ପରର ନିକଟତର, ଏହା ପ୍ରମାଣିତ । ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷଙ୍କ ନଜୁ ଓ ଆଦର୍ଶରେ ଆଛନ୍ନ କରାଯାଇଥିବା ବହୁ କ୍ଷେତ୍ରରେ ଲକ୍ଷ୍ୟ କରାଯାଏ ।

ଶ୍ରୀମନ୍ଦିରର ବିଭିନ୍ନ ପୂଜାର୍ଜନା ଓ ପର୍ବପର୍ବାଣିରେ କୃଷ୍ଣ ଆରୋପ କରି, ଶ୍ରୀଜଗନ୍ନାଥଙ୍କ ନିକଟରେ କୃଷ୍ଣ ଉପାସନାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଅନ୍ୟ ଦେବଦେବୀ ମାନେ ଅବହେଳିତ ନହେବାଲି ଦୃଷ୍ଟାର ରହିଛି । ଶ୍ରୀମନ୍ଦିରରେ ଲଗକାନ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳିତ ହୁଏ । ପ୍ରତି ବର୍ଷ ଭାଦ୍ର ମାସ କୃଷ୍ଣ ସପ୍ତମୀ ଦିନ ଏହି ପାରମ୍ପରିକ ଖବର ଆୟୋଜନ ହୁଏ। ଶ୍ରୀମନ୍ଦିରରେ ସନ୍ଧ୍ୟାଦାପ ଶେଷ ହେଲା ପରେ କୃଷ୍ଣ ଜନ୍ମ ଉପଲକ୍ଷେ ଗର୍ଭଉଦକ ଅର୍ଜନା ନାମରେ ଏକ ସ୍ୱତନ୍ତ୍ର ଚନ୍ଦାପନା କରାଯାଏ । ତାହା ପରଦିନ ଅର୍ଥାତ କୃଷ୍ଣପକ୍ଷ ଅଷ୍ଟମୀରେ ସନ୍ଧ୍ୟାଦାପ ପରେ ପରେ ଶ୍ରୀମନ୍ଦିରର ଭଣ୍ଡାରଘର ଦ୍ୱାର ସମ୍ମୁଖରେ ମୁରୁଜରେ କୃଶାଙ୍କ ଉଦ୍ଦେଶ୍ୟରେ ପବିତ୍ର ଗାଥା ଲେଖାଯାଏ । ଯେଉଁଠି ତାହା କରାଯାଏ ତାହାକୁ ଜନ୍ମ ଚକଡ଼ା କୁହାଯାଏ । ସେଦିନ ଜଗନ୍ନାଥଙ୍କ ପଣ୍ଡା ଜନ୍ମ ଚଜଡ଼ାରେ ଉପବେଶନ କରନ୍ତି । ସେ ଘଚ ସ୍ଥାପନ କରି କରୁଣଙ୍କ ପୂଜା ଆରାଧନା କରିବାର ବିଧି ରହିଛି । କୃଷ୍ଣ ସପ୍ତମୀ ପୂର୍ବରୁ ଚିତ୍ରଜରଙ୍କଠାରୁ ଭଗବାନ ଶ୍ରୀକୃଷ୍ଣ ଜନ୍ମର ପଲିଟିଏ ଆସିଥାଏ ।

ସ୍ୱର୍ଣକାର ରୂପାରେ ନିର୍ମିତ ଗୋଟିଏ ପଦ୍ମଫୁଲ ଦେବ । ସେହି ପଦ୍ମରେ ନଅଟି ପାଖୁଡ଼ା ଥାଏ । ସେହି ପଦ୍ମଫୁଲ ଉପରେ କୃଷଙ୍କ ଜନ୍ମ ସଂପର୍କିତ ଘଟିକି ସ୍ଥାପନ କରାଯାଏ । ନଅତି ପଦ୍ମ ପାଖୁଡ଼ାରେ ଦେବକୀ, ବାସୁଦେବ, ନନ୍ଦ, ଯଶୋଦା, ଲକ୍ଷ୍ମୀ, ଇନ୍ଦ୍ରସେନ, ବଳଭଦ୍ର, ଗାର୍ଗବରଷୀ ଓ କୃଷ୍ଣଙ୍କର ଚିତ୍ର ଭିନ୍ନ ଭିନ୍ନ ଭାବେ ଅଙ୍କିତ ହୋଇଥାଏ ।

ପ୍ରତିବର୍ଷ ଶ୍ରୀମନ୍ଦିରରେ ସଛା ପୂର୍ଣିମା ଦିନ କୃଷ୍ଣଙ୍କ ସଂଘର୍କିତ ଅନ୍ୟ ଏକ ଯାତ୍ରା ପାଳିତ ହୁଏ, ତାହାକୁ ବଳଭଦ୍ର ଜନ୍ମ ବୋଲି କୁହାଯାଏ । ସେଦିନ ଅର୍ଜନା ଓ ବନ୍ଦନା ପରେ ପରେ, ସୁଦର୍ଶନ ବିମାନରେ ବିଜେ କଳନ୍ତି । ମାର୍କଣ୍ଡେଶ୍ୱର ମନ୍ଦିର ନିକଟକୁ ବିମାନରେ ଯାତ୍ରାବେଳେ ଘଣ୍ଟ, ଘଡ଼ି ବାଳେ । ସେଠାରେ ପ ସୁଦର୍ଶନ ମାର୍କଣ୍ଡେୟଶ୍ୱର ମନ୍ଦିର ନିକଟରେ ଥିବା ମଣ୍ଡପ ଉପରେ ବସତି। ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା, ଭଗବାନ ଶ୍ରୀକୃଷ୍ଣଙ୍କ । ରଥଯାତ୍ରା ଉସଟ ଭାବେ ସୁପରିଚିତ । କେଉଁ ଯୁଗରୁ କୃଷ୍ଣ ଭାବରେ ଜଗନ୍ନାଥ ପୂଜିତ ହୋଇଆସୁଛନ୍ତି । ଦଳରଦ୍ର ମଧ୍ୟ ବଳରାମଙ୍କ ଅବତାର ରୂପେ ପୂଜା ପାଉଛନ୍ତି । ଶ୍ରୀଜଗନ୍ନାଥଙ୍କୁ କୃଷ୍ଣ ଭାବରେ ପରିକଳ୍ପନା କରିବା ଏବଂ କୃଷ୍ଣ ବୋଲି ମନେ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ମହତ ବ୍ୟକ୍ତିମାନେ ପରାମର୍ଥ ଦେଇଥାନ୍ତି । କୃ ଓ ଜଗନ୍ନାଥଙ୍କ ଭିତରେ ଏପରି ଘନିଷ୍ଠ ସଂପର୍ବ ଯେ, ଭଗବାନ କୃଷ୍ଣଙ୍କୁ ଦର୍ଶନ କରିନପାରି ରଥରେ ଅଶ୍ୱିନ ହୋଇଥିବାବେଳେ, ନୀଳାଦ୍ରି ବିହାରୀଙ୍କୁ ଭକ୍ତମାନେ କୃଷ୍ଣ ରୂପରେ ପ୍ରତ୍ୟକ୍ଷ ସାକ୍ଷାତ ପାଇଥାନ୍ତି । ଅକ୍ଷୟ ତୃତୀୟା ରଥର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୁଏ । ସେହି କାର୍ଯ୍ୟର ଅନୁକୂଳରେ, କାର୍ଯ୍ୟର ସିଦ୍ଧି ଓ ସଫଳତା ପାଇଁ ଶ୍ରୀକୃଷ୍ଣଙ୍କୁ ଆରାଧନା କରାଯାଏ ।

ଜଗନ୍ନାଥଙ୍କ ଚନ୍ଦନ ଉତ୍ସବ, ଶ୍ରୀକୃଷ୍ଣଙ୍କ ଦିନା ସମ୍ଭବ ହୁଏ ନାହିଁ । ସେଥିପାଇଁ ସେଦିନ ନଭେନ୍ଦ୍ର ପୃଷ୍କରିଣୀକୁ କୃଷ୍ଣକୁ ନିଆଯାଏ । ସେହି କାଳ ବିନୋଦିଆ କୃଷ୍ଣ ଅନ୍ୟମାନଙ୍କ ସହିତ ଚନ୍ଦନ ଉତ୍ସବରେ ମଳି ରହନ୍ତି । ନିଜୟା ଦଶମୀ ହେଉଛି, ଶ୍ରୀମନ୍ଦିରର ହୃତ୍ୱଙ୍କ ଉପାସନାର ଅନ୍ୟ ଏକ ଭିତ୍ସବ । ରୁକ୍ମିଣୀ ଚରଣ ଉତ୍ସବ ଶ୍ରୀମନ୍ଦିରରେ କୃଷଙ୍କ ଉଦ୍ଦେଶ୍ୟରେ ପାଳିତ ହୋଇଥାଏ । ଭାଗବତକୁ ଆଧାରିତ କରି ଏହାର କାର୍ଯ୍ୟକ୍ରମ ସ୍ଥିର ହୁଏ । କୃଷ୍ଣ, ଗୁଡ଼ିଶାଙ୍କ ରୂପ, ଗୁଣ ଓ ସ୍ୱଭାବରେ ଆକର୍ଷିତ ହୋଇ ତାଙ୍କୁ ନିଜର ପତ୍ନୀ ଭାବରେ ଗ୍ରହଣ କରିବାକୁ ଆଗ୍ରହୀ ହୋଇଥିବା ପୁରାଣରେ ବର୍ଣିତ ହୋଇଛି । କୃଷ୍ଣଙ୍କୁ ନିଜର ହୃଦୟ ଅର୍ପଣ କରିଥିବା ରୁକ୍ମିଣୀ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ଅନ୍ତରର ପ୍ରେମପତ୍ର ପଠାଇଥିଲେ । ଏହା ଜଣେ ବୟସ୍କ ବ୍ରାହ୍ମଣଦ୍ୱାରା ପ୍ରେରିତ ହୋଇଥିଲା । ରୁକ୍ମଣୀଙ୍କ ଇଚ୍ଛା ଅନୁସାରେ କୃଷ୍ଣ ସେଦିନ ନନ୍ଦିଘୋଷରେ ବିଜେ କରି ତାଙ୍କ ରାବାପଛୀ ରୁକ୍ମିଣୀଙ୍କୁ ହରଣ କରିଥିଲେ । ପ୍ରତିବର୍ଷ ଜ୍ୟେଷ୍ଠ ଏକାଦଶ ଭିଥରେ ଏହି ରୁକ୍ମିଣୀ ବିବାହ ଉତ୍ସବ ଅନୁଷ୍ଠିତ ହୁଏ ।

ମଦନମୋହନଙ୍କୁ କୃଷ୍ଣ ଭାବରେ ଶ୍ରୀମନ୍ଦିରରେ ପୂଜା କରିବାର ବିଷ୍ଣୁ କେଉଁ ଅନାଦି କାଳରୁ ଚାଲିଆସିଛି । ଜଗନ୍ନାଥ ସ୍ୱୟଂ କୃଷ୍ଣ । ଶ୍ରୀକ୍ଷେତ୍ର ଅନ୍ୟ ଏକ ଦ୍ୱାରକା । ଶ୍ରୀମନ୍ଦିରରେ କୃଷ୍ଣ ଉପାସନା ପାଇଁ ରହିଥିବା ବିଧ ବିଧାନରୁ, ଜଗନ୍ନାଥ ଓ କୃଷିଙ୍କ ଭିତରେ ଥିବା ସଂପର୍କର ପ୍ରମାଣ ମିଳେ । ଜଗନ୍ନାଥ ମନ୍ଦିରରେ କୃଷ୍ଣ ମୂର୍ତି ପୂଜା ପାଇବା ଶୁଣି, ବହୁ ପ୍ରଶ୍ନ ମନରେ ଆସେ । ତେବେ ସଂସ୍କୃତ ପୁରାଣରେ କୁହାଯାଇଛି ଯେ, କୃଓ ରୂପରେ ବିଷ୍ଣୁ ନୀଳାଚଳରେ ଅବସ୍ଥାନ କରୁଛନ୍ତି । ତାଙ୍କ ସହିତ ବଡ଼ ଗାଇ ବଳରାମ ଓ ଭଗିନୀ ସୁଭଦ୍ରା ଅଛନ୍ତି । ଚାପର ଯୁଗରେ କୃଷ୍ଣ ଯେଉଳି ଲୀଳାଖେଳା କରିଥିଲେ, ସେପରି ଲୀଳା ସେହି କୃଷ୍ଣଙ୍କଦ୍ୱାରା ଶ୍ରୀମନ୍ଦିରରେ ହୁଏତ ହେଉନାହିଁ । ମାତ୍ର ଜଗନ୍ନାଥଙ୍କୁ ରଚନା କରିବା ବେଳେ ବ୍ୟାଙ୍କ ଚିତ୍ର ଆପେ ଆପେ ସ୍ପର୍ଶ କରେ । ନୀଳମାଧବ ଯେତେବେଳେ ଶ୍ରୀକ୍ଷେତ୍ରରୁ ଅନ୍ତର୍ଦାନ ହେଲେ, ସେତେବେଳେ ଚତୁର୍ଦ୍ଧା ମୂର୍ତ୍ତି ଧାରଣ କରି ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ବିରାଜମାନ କରିଥିବା ପୁରାଣରେ ବର୍ଣନା କରାଯାଇଛି । ଶ୍ରୀକୃଷ୍ଣଳ ରଥକୁ ନନ୍ଦିଘୋଷ ବୋଲି ପୁରାଣରେ ବର୍ଣିତ କରାଯାଇଛି । ଠିକ ସେପରି କୃଷ୍ଣଙ୍କ ଇଥାନୁସାରେ ଜଗନ୍ନାଥଙ୍କ ରଥକୁ ମଧ୍ୟ ନନ୍ଦିଘୋଷ ବୋଲି ନାମିତ କରାଯାଉଛି । ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ କୋଳିବିକା ଯାତ୍ରା ମନ୍ଦିରରେ ଅନୁଷ୍ଠିତ ହୁଏ । ସେଦିନ ଜଣେ ଶବରୁଣୀ ହୁଏ । ହାତରେ କିଛି ଗୁଆ, କୋଳି ଓ ନଡ଼ିଆ ଧରି ତାହାକୁ ନେବା ପାଇଁ କାକ ଦିଏ । ଭିତରଛୁ ମହାପାତ୍ର ସେହି କୋଳି କ୍ରୟ କରନ୍ତି । ଠାକୁରଙ୍କ ପାଖରେ ସେ କୋଳି ରୋଗ କରିବା ପରେ ବଡ଼ଛତା ମଠ ଆଗରେ ଥିବା କାଠରେ ନିର୍ମିତ ସିଂହାସନକୁ ରାମକୃଷ୍ଣଙ୍କୁ ଥଣାଯାଏ । ତାଙ୍କ ଉପସ୍ଥିତିରେ କୋଳିବିକା ଯାତ୍ରା ଲୀଳା ଖେଳା ଆରମ୍ଭ ହୁଏ । ମନ୍ଦିରରେ ଚାରୁଥିବା କୃଷ୍ଣ ଲୀଳାର କ୍ରମ ଅନୁସାରେ କୃଷ୍ଣପକ୍ଷ ନବମୀରେ ନନ୍ଦୋତ୍ସବ ହୁଏ । ବନ ବେଶ, ବୋଳି ବିକା, ଅର୍ଘାସୁର ବଧ ଓ ବଙ୍ଗାସୁର ବଧର ଲୀଳା ଦଶମୀରେ ହୁଏ । ଏକାଦଶୀର ପବିତ୍ର ବାସରେ କାଳୀୟ ଦଳନ ବେଶ ଓ ଧେନୁଲାସୁର ବଧ ମାଳା ହୁଏ । ପ୍ରଳମ୍ବାସୁର ବଧର ଲୀଳା ଦ୍ୱାଦଶୀରେ । କୃଷ୍ଣ, ବଳରାମ ଦେଶର ରାଜା ପ୍ରୟୋଦଶୀରେ । କୃଷ୍ଣ ଜନ୍ମଯାତ୍ରା ଚତୁର୍ଦ୍ଦଶୀରେ । ଚିତ୍ର ହରଣ ଲୀଳା ଅମାବାସ୍ୟାରେ ହୁଏ । ଭାଦ୍ରବ ଶୁକ୍ଳ ପ୍ରତିପଦାରେ ବାବାଗ୍ନି ଲୀଳା । ଦ୍ୱିତୀୟାରେ ନିକୃଷ୍ଟ ରାଜା ଓ ତୃତୀୟାରେ ଅନ୍ଧ ଲୀଳା ହୁଏ । ଚତୁର୍ଥୀରେ ଜୀବା ହେବ ନାହିଁ, ମାତ୍ର ଏହି ପର୍ବର ଏହା ଏକ ଅଂଶ । ଏହାକୁ ପଡ଼ିଆ କୁହାଯାଏ । ପଞ୍ଚମୀରେ ଦାହ ଲୀଳା, ଷଷ୍ଠୀରେ ବିମ୍ବାସୁର ବଧ ଓ ସପ୍ତମୀରେ ଶ୍ରେଣୀବଧ ଲୀଳା ହୋଇଥାଏ । ଭାଦ୍ରବ ଶୁକ୍ଳ ଦଶମୀରେ ବ୍ୟା ଲୀଳା, ଭଦଣା ଖୁଆ, ଅକ୍ରୁର ଲୀଳା, ଉଛକ ଲୀଳା, ଧନୁଘର ପ୍ରପାଳ, ମଲ୍ଲ ସୁଦ୍ଧ ପ୍ରସ୍ତାବ, କୁବୁଢ଼ା ଉଦ୍ଧାର, କଂସ ବଧ ଓ ଇନ୍ଦ୍ରସେନଙ୍କୁ ଗାଦିପ୍ରଦାନ ଲୀଳା ଅନୁଷ୍ଠିତ ହୋଇଥାଏ । ଭାଦ୍ରବ ଶୁକ୍ଳ ଦ୍ୱାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଇନ୍ଦ୍ରଧ୍ୱଜ ପୂଜା ହୁଏ । ଜଗନ୍ନାଥ ଏପଇଁ ଠାକୁର, ଯାହାଙ୍କଠାରେ ଅବା ଏତେ ବୈଶିଷ୍ଟ୍ୟ ଓ ସ୍ୱାତନ୍ତ୍ର୍ୟ ଅନ୍ୟ କୌଣସି ଦେବ ଦେବୀଙ୍କଠାରେ ଦୃଷ୍ଟିଗୋଚର ହୁଏ ନାହିଁ । ସେଥିପାଇଁ ସବୁ ଦେବଦେବୀଙ୍କଠାରୁ ସେ ବର୍ଷରେ । ଶ୍ରୀଜଗନ୍ନାଥ ଏକାଧାରରେ ସଗୁଣ, ନିର୍ଗୁଣ, ସାକାର, ନିରାକାର ଓ ସନାତନ । ସେ ଉଦାର ଓ ଶ୍ରଦ୍ଧାମୟ ଠାକୁର । ତାଙ୍କଠାରେ ଭେବାଲେଡ ନାହିଁ । କେତେ ଦେବଦେବା ତାଙ୍କଠାରୁ ଆବିର୍ଭୂତ ହୋଇ ପୁଣି ସେଠାରେ ଭାତ ହୋଇଯାଇଛନ୍ତି। ଶ୍ରୀକୃଷ୍ଣ ବାଲ୍ୟଲୀଳା ଖୋଳର ମହୋସଡ ଭାଦ୍ରବ ମାସ କୃଷ୍ଣପକ୍ଷ ସପ୍ତମୀଠାରୁ ଆରମ୍ଭ ହୁଏ। ତାହା ମାସର ଶେଷ ଭାଗ ପର୍ଯ୍ୟନ୍ତ ଚାଲିଥାଏ। କୃଷ୍ଣପକ୍ଷ ନବମୀରେ ନନ୍ଦଉତ୍ସବ ଆରମ୍ଭ ହୁଏ। ସେଦିନ ରାମକୃଷ୍ଣ ଓ ମଦନମୋହନଙ୍କୁ ଦୋଳିରେ ବସାଯାଏ । ଲକ୍ଷ୍ମୀ ଜଗମୋହନକୁ ଆସିବେ । ସେତେବେଳକୁ ଭିତରକୁ ମହାପାତ୍ର ରାଜଉଆସରୁ ବୁଲି ଫେରିଲେଣି। ସ୍ନାନମଣ୍ଡପରେ ନନ୍ଦରାଜ ମାଳି ଭିତରଛୁ ମହାପାତ୍ର ବସିବାବେଳେ ଲକ୍ଷ୍ମୀ ମନ୍ଦିରରେ ରହିଲେଙ୍କା ପହଞ୍ଚବେ । ସାଥ୍ରେ ବୁଆଳୀ ଗାଈଟିଏ ଥାଏ। ପୁନ (କୃଓ) ଜନ୍ମର ଶୁଭ ସମ୍ବାଦ ନନ୍ଦରାଜା ଉଇଡିଆ ଗୋପାଳ ପାଖରୁ ଶୁଣିବେ । ରଇଡିଆ ନନ୍ଦରାଜାଙ୍କ ପଣତକୁ ଘୋଷାରି ଘୋଷାରି ଆଣି, ନନ୍ଦରାଜାଙ୍କୁ ରକ୍ଷା ମନ୍ଦିରରେ ପହଞ୍ଚାଇବେ । ସେଠାରେ ନନ୍ଦରାଜା ଆନନ୍ଦରେ ଗୋଦହନ କାର୍ଯ୍ୟ ସମାପନ କରିବା ମାତ୍ରେ ତାକୁ ଅର୍ଜନା କରାଯାଏ । ନନ୍ଦରାଜା ଜଗମୋହନରେ ଝୁଲିଥନା ବୋଳିରେ ବସତି, ସାଥିରେ ଥାଆରି ତାଙ୍କ ପୁଅ । ଏତକ ପରେ, କାମକୃଷ୍ଣ ଓ ମହନମୋହନ ସେଠାରେ ଆଉ ରହନ୍ତି ନାହିଁ । ଶ୍ରୀମନ୍ଦିରରେ ଜନ୍ଦ ଉତ୍ସବ ଯଥାବିଧ ପାଳିତ ହୁଏ । ପୁରୀର ଶ୍ରୀମନ୍ଦିର, ଶ୍ରୀଜଗନ୍ନାଥଙ୍କ ଆରାଧନାର ପବିତ୍ର ସ୍ଥଳ ଏବଂ ତାଙ୍କ ସହିକ ଲୀଳାମୟ ଶ୍ରୀକୃଷ୍ଣଙ୍କ ଉପାସନା ଏଠାରେ ଅବ୍ୟାହତ ରହିଛି।

**ସଦସ୍ୟ , ଓଡ଼ିଶା ସାହିତ୍ୟ ଏକାଡେମୀ**
**ମଠସାହି, ଭଦ୍ରକ**

# ପରମ ଶକ୍ତି ସ୍ୱରୂପା ଶ୍ରୀ ମହାଲକ୍ଷ୍ମୀ

**ଡଃ ଭାସ୍କର ମିଶ୍ର**

ଶ୍ରୀ ଜଗନ୍ନାଥ ମନ୍ଦିର ଭିତର ବେଢ଼ାସ୍ଥିତ ବିଭିନ୍ନ ଦେବଦେବୀ ମନ୍ଦିର ମାନଙ୍କ ମଧ୍ୟରେ ମହାଲକ୍ଷ୍ମୀଙ୍କ ମନ୍ଦିର ଅନ୍ୟତମ ପ୍ରମୁଖ ତଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଶ୍ରୀ ଜଗନ୍ନାଥ ମନ୍ଦିର ସତ୍ତ୍ୱଲିପି ଅନୁଯାଇ ଭିତର ବେଢ଼ାସ୍ଥ ପ୍ଲଟ ନମ୍ବର ୫୫ରେ ଲକ୍ଷ୍ମୀମନ୍ଦିର ଅବସ୍ଥିତ। ବାସ୍ତବ ଅନୁଯାୟୀ ଶ୍ରୀମନ୍ଦିର ଭିତର ବେଢ଼ା ଅନ୍ତର୍ଗତ ବାୟୁ କୋଣ(ଉତ୍ତର-ପଶ୍ଚିମ କୋଣ) ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠିତ। ଗବେଷକ ମାନଙ୍କ ମତରେ ଗଙ୍ଗବଂଶୀୟ ସମ୍ରାଟ ଚୋଡ଼ଗଙ୍ଗଦେବଙ୍କ ଦ୍ୱାରା ଏହି ମନ୍ଦିରଟି ନିର୍ମିତ। ଅପରପକ୍ଷରେ ବିଶିଷ୍ଟ ଐତିହାସିକ ରାଖାଲ ଦାସ ବାନାର୍ଜୀଙ୍କ ରଚିତ "ଓଡ଼ିଶା ଇତିହାସ " ପ୍ରଥମ ଭାଗ (History of Orissa, Vol-1) ର ଉଲ୍ଲେଖ ପ୍ରକାରେ ଲକ୍ଷ୍ମୀ ମନ୍ଦିରଟି ଅନଙ୍ଗଭୀମଦେବଙ୍କ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା। ସେହିପରି ମାଦଳାପାଞ୍ଜି (ରାଜଭୋଗ ଇତିହାସ)ର ବର୍ଣ୍ଣନାନୁଯାୟୀ ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରଥମେ କେଶରୀ ବଂଶର ରାଜା ଯଯାତିକେଶରୀ ଓ ପରେ ଗଙ୍ଗବଂଶର ରାଜା ଅନଙ୍ଗଭୀମଦେବ ନିର୍ମାଣ କରିଥିଲେ।

ଶ୍ରୀ ମହାଲକ୍ଷ୍ମୀଙ୍କ ମନ୍ଦିର ପଞ୍ଚରଥ ରେଖ ଶୈଳୀର ଦେଉଳ ଅଟେ। ମୁଖ୍ୟ ମନ୍ଦିରର ଗାତ୍ରରେ ଅଷ୍ଟଦିଗପାଳ, ବିଭିନ୍ନ ଦେବଦେବୀ, ଅଳସକନ୍ୟା, ବିରାଳ, ନାଗକନ୍ୟା, ବିଦ୍ୟାଧର ପ୍ରଭୃତିଙ୍କ ମୂର୍ତ୍ତି ଖୋଦିତ ହୋଇଅଛି। ବିମାନର ଆଭ୍ୟନ୍ତର ବା ଗର୍ଭଗୃହରେ ମହାଲକ୍ଷ୍ମୀ ପଦ୍ମାସନରେ ବିରାଜମାନ କରିଛନ୍ତି। ବିଗ୍ରହଙ୍କ ଉପର ଦୁଇ ହସ୍ତରେ ଦୁଇଟି ଯୁଗଳ ହସ୍ତୀ ଶୁଣ୍ଢରେ ସ୍ୱର୍ଣ୍ଣ କଳସ ଧାରଣ କରିଛନ୍ତି। ଏହି ସ୍ୱର୍ଣ୍ଣ କୁମ୍ଭରୁ ଜଳ ଢାଳି ଲକ୍ଷ୍ମୀଦେବୀଙ୍କୁ ସର୍ବଦା ଅଭିସିକ୍ତ କରୁଥାନ୍ତି।

ପ୍ରାୟ ୬୦ଫୁଟ ଉଚ୍ଚତା ବିଶିଷ୍ଟ କାରୁକାର୍ଯ୍ୟ ମଣ୍ଡିତ ଭବ୍ୟ ଚତୁରାୟତନ ମନ୍ଦିରଟି ସଗୌରବେ ବିଦ୍ୟମାନ ଯାହାକି ଗର୍ଭଗୃହ ବା ବିମାନ, ଜଗମୋହନ, ନାଟମଣ୍ଡପ ଓ ଅଚିନ୍ତାମଣ୍ଡପ। ଏହି ମନ୍ଦିରକୁ ତିନିଦିଗରୁ ପ୍ରବେଶ ପଥ ରହିଥିଲେ ମଧ୍ୟ ମୁଖ୍ୟତଃ ଦକ୍ଷିଣ ଦିଗରୁ ଆସିଥିବା ପାହାଚ ଦେଇ ଭକ୍ତ ତଥା ତୀର୍ଥଯାତ୍ରୀମାନେ ଲକ୍ଷ୍ମୀଙ୍କ ମନ୍ଦିରକୁ ପ୍ରବେଶ କରିଥାନ୍ତି। ମନ୍ଦିରର ଗର୍ଭଗୃହକୁ ପ୍ରବେଶ କରିବା ଦ୍ୱାରର ଦକ୍ଷିଣ ପାର୍ଶ୍ୱର କାନ୍ଥରେ ଅତ୍ୟନ୍ତ କମନୀୟ ଲକ୍ଷ୍ମୀ ନୃସିଂହଙ୍କର ମଣିମୟ ବିଗ୍ରହ ଓ ଉତ୍ତରରେ ବରାହ ମୂର୍ତ୍ତି ବିରାଜିତ ହୋଇଛନ୍ତି। ବିଦ୍ୱାନ ମାନେ ଲକ୍ଷ୍ମୀନୃସିଂହ ବିଗ୍ରହ ନିମ୍ନ ପାର୍ଶ୍ୱରେ ଶଙ୍କରାଚାର୍ଯ୍ୟଙ୍କ ମୂର୍ତ୍ତି ଆସୀନ ବୋଲି କହିଥାନ୍ତି। ଏହି ବିଗ୍ରହ ମାନଙ୍କ ସମ୍ମୁଖ ଭାଗରେ ଇନ୍ଦ୍ର ଓ ଶଙ୍ଖ, ଚକ୍ର, ଧନୁଶରଧାରୀ ନାରାୟଣଙ୍କର ମଣିମୟ ବିଗ୍ରହ ଦୃଷ୍ଟିଗୋଚର ହୋଇଥାଏ। ଲକ୍ଷ୍ମୀ ମନ୍ଦିରର ନାଟମଣ୍ଡପର କାନ୍ଥ ମାନଙ୍କରେ ଶ୍ରୀ ରାମାନୁଜ ସମ୍ପ୍ରଦାୟର ଆଚାର୍ଯ୍ୟ ସମେତ ଆଳବାର ମାନଙ୍କ ଚିତ୍ର ପ୍ରତିମା ଓ ଶ୍ରୀରାମଚନ୍ଦ୍ରଙ୍କ ଚରିତ୍ର ସମ୍ବନ୍ଧୀୟ ଚିତ୍ର, ଗଣେଶ, ହନୁମାନ, ନୃସିଂହ, ମହିଷାରୂଢ଼ ଯକ୍ଷ ଦେବତାମାନଙ୍କର ଚିତ୍ର ପ୍ରତିମା ଅଙ୍କିତ ହୋଇଥିବା ଦୃଶ୍ୟମାନ ହୁଏ।

ଶ୍ରୀମନ୍ଦିରରେ ବିରାଜିତା ମହିମାମୟୀ ମହାଲକ୍ଷ୍ମୀ ସ୍ୱୟଂ ଶ୍ରୀମନ୍ଦିରର କର୍ତ୍ତ୍ରୀ ଓ ଶ୍ରୀ ଜନାର୍ଦ୍ଦନଙ୍କ ପରିବେଷଣକାରିଣୀ। ଶ୍ରୀଲକ୍ଷ୍ମୀ ଘୋର ସଙ୍କଟରୁ ଭକ୍ତଜନଙ୍କୁ ଉଦ୍ଧାର କରନ୍ତି ବୋଲି ଜନସାଧାରଣ ରେ ବିଶ୍ୱାସ ରହିଛି। ଶାସ୍ତ୍ରର ବର୍ଣ୍ଣନାନୁଯାୟୀ ଲକ୍ଷ ବା ଉତ୍ତମ ଲକ୍ଷଣଯୁକ୍ତ ସର୍ବଗୁଣ ସମ୍ପନ୍ନା ବୈଷ୍ଣବୀ ଶକ୍ତି ହେଉଛନ୍ତି ଲକ୍ଷ୍ମୀ। "ଲକ୍ଷ୍" ଧାତୁରୁ ଲକ୍ଷ୍ମୀଙ୍କର ନିର୍ବାଚନ କରାଯାଏ। ଏହାର ଅର୍ଥ ହେଲା ଦର୍ଶନ ଓ ଅଙ୍କନ। ଋଗ୍ ବେଦରେ ଐଶ୍ୱର୍ଯ୍ୟର ଦେବୀ "ଶ୍ରୀ" ବୋଲି ବର୍ଣ୍ଣିତା। ବିଶ୍ୱପାଳ ବିଷ୍ଣୁଙ୍କ ପାଳନାତ୍ମିକା ମହାଶକ୍ତି ଲକ୍ଷ୍ମୀଦେବୀ ନିଖିଳ ବିଶ୍ୱ ବ୍ରହ୍ମାଣ୍ଡରେ ଧନ ଓ ଐଶ୍ୱର୍ଯ୍ୟର ମହାଦେବୀ। ପୁରାଣର ବର୍ଣ୍ଣନା ଅନୁସାରେ ମହର୍ଷି ଭୃଗୁଙ୍କ ଔରସରେ ତାଙ୍କ ପତ୍ନୀ ଖ୍ୟାତିଙ୍କ ଗର୍ଭରୁ ଉତ୍ପନ୍ନା ଲକ୍ଷ୍ମୀ ହେଉଛନ୍ତି ପରମ ପୁରୁଷ ପରମେଶ୍ୱର ବିଷ୍ଣୁଙ୍କର ପତ୍ନୀ। ସେ ଭଗବାନ ବିଷ୍ଣୁଙ୍କର ନିତ୍ୟ ସହଚରୀ। ଲକ୍ଷ୍ମୀଦେବୀଙ୍କର ପ୍ରସିଦ୍ଧ ଧ୍ୟାନ ମନ୍ତ୍ରଟି ହେଉଛି:-

"କ୍ଳାନ୍ତ କାଞ୍ଚନସଂନ୍ନିଭାଂ ହିମଗିରି
ପ୍ରଖୈଶ୍ଚତୁର୍ଭିର୍ଗଜୈଃ, ହିସ୍ତୋତ୍ କ୍ଷିପ୍ତହିରଣ୍ମୟାମୃତ
ଘଟୈରାସିକ୍ତ ମାନାଂ ଶ୍ରିୟମ୍।"

'ଦୁର୍ଗା ସପ୍ତଶତୀ ଚଣ୍ଡୀ' ରେ ଅଥର୍ବ ବେଦୋକ୍ତ ବାକ୍ୟ ଦେଖିବାକୁ ମିଳେ। ଯଥା:- " ମହାଲକ୍ଷ୍ମୈ ଚ ବିଦ୍ମହେ ସର୍ବଶକ୍ତ୍ୟୈ ଧୀ ମହି ତନ୍ନୋଦେବୀ ପ୍ରଚୋଦୟାତ "

ମେଧା ଋଷିଙ୍କ ମୁଖରେ କୁହାଯାଇଛି, ପରମେଶ୍ୱରୀ ମହାଲକ୍ଷ୍ମୀ ତ୍ରିଗୁଣମୟୀ ଓ ସମସ୍ତ ଆଦ୍ୟ ପ୍ରକୃତି। ସେ ସଗୁଣା ଓ ନିର୍ଗୁଣା ଏବଂ ଜଗତକୁ ବ୍ୟାପୀ ରହି ଅଛନ୍ତି। ଲକ୍ଷ୍ମୀଦେବୀ ଅତ୍ୟନ୍ତ ମନମୁଗ୍ଧକର, ପ୍ରଶାନ୍ତ ବଦନ ଓ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ଇତ୍ୟାଦିରେ ବିମଣ୍ଡିତା ଓ ସୁଶୋଭିତା।



ଶ୍ରୀମନ୍ଦିରରେ ବିରାଜିତା ମହାଲକ୍ଷ୍ମୀଙ୍କର ସ୍ୱତନ୍ତ୍ର ଭାବେ ଆଳତୀ, ମଇଲମ, ମାଜଣା, ବେଶ ଇତ୍ୟାଦି ନୀତି ସମ୍ପନ୍ନ ହୋଇ ଖଇ, ଦହି ଓ କୋରା ଇତ୍ୟାଦି ବଲ୍ଲଭ ହୋଇଥାଏ। ପୁନଶ୍ଚ ଦ୍ୱିପ୍ରହର ଧୂପ ପରେ ମାଜଣା ହୋଇ ଚନ୍ଦନ ଲାଗି, ବେଶ ତଥା ସ୍ୱତନ୍ତ୍ର ବାହାର ଦେଉଳି ରୋଷଘରେ ପ୍ରସ୍ତୁତ କାକରା, ଲଡୁ, ମହନଭୋଗ, ମନୋହର, ଡାଳିମ୍ବ ଇତ୍ୟାଦି ପ୍ରସ୍ତୁତ ହୋଇ ଲକ୍ଷ୍ମୀଦେବୀଙ୍କୁ ଭୋଗ ହୋଇଥାଏ।

ମହାଲକ୍ଷ୍ମୀ ମନ୍ଦିରରେ ପାଳିତ ବିଭିନ୍ନ ପର୍ବ ପର୍ବାଣୀ ନୀତି ମଧ୍ୟରେ ପ୍ରଥମାଷ୍ଟମୀ, ଓଢଣଷଷ୍ଠୀ, ବସନ୍ତ ପଞ୍ଚମୀ, ଅକ୍ଷୟତୃତୀୟା, ରକ୍ମିଣୀ ବିବାହ, ଶୀତଳଷଷ୍ଠୀ ଇତ୍ୟାଦି ମଧ୍ୟରେ କୁମାର ପୂର୍ଣ୍ଣିମା ନୀତି ଅନ୍ୟତମ ଅଟେ। କୁମାର ପୂର୍ଣ୍ଣିମା ଦିନ ସନ୍ଧ୍ୟାଧୂପ ପୂଜା ସମାପନ ପରେ ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପ୍ରାପ୍ତ ହୋଇ ପାଲିଙ୍କିରେ ମହାଲକ୍ଷ୍ମୀ ମନ୍ଦିର ଜଗମୋହନସ୍ଥିତ ଖଟ ଉପରେ ବିଜେ କରିଥାନ୍ତି। ଏଠାରେ ଉଭୟ ଦେବଦେବୀଙ୍କ ମଧ୍ୟ ରେ କଉଡି, ପଶା ଓ ଶକଟା ଖେଳମାନ ଅନୁଷ୍ଠିତ ହୋଇଥାଏ। ଏହି ଦ୍ୟୁତିକ୍ରୀଡା ରେ ମହାପ୍ରଭୁଙ୍କ ତରଫରୁ ମୁଦିରସ୍ତ ଓ ଲକ୍ଷ୍ମୀଦେବୀଙ୍କ ପ୍ରତିନିଧି ଭିତରଚ୍ଛୁ ଉଭୟ ହିଙ୍ଗୁଳ କଉଡି ୨୧, ରୁପା କଉଡି ୨୧, ପଶା ଶକଟା ଖେଳମାନ ଖେଳିଥାନ୍ତି। ଏହାପରେ ଶୀତଳ ଭୋଗ ମଣୋହି ହୋଇ ଏଠାରୁ ଉଭୟ ପ୍ରତିମା ବାହୁଡା ବିଜେ କରିଥାନ୍ତି।ପୁନଶ୍ଚ ବଡସିଂହାର ବେଶ ଓ ଭୋଗ ନୀତି ସମାପନ ପରେ ସିଂହାସନ ତଳେ ଏବଂ ଉପରେ ଏହି ଖେଳମାନ ଅନୁଷ୍ଠିତ ହୋଇଥାଏ। ଏହା ଶ୍ରୀମନ୍ଦିର ପରମ୍ପରାରେ ଦ୍ୟୁତି କ୍ରୀଡା ଉତ୍ସବ ନାମରେ ଅଭିହିତ ଅଟେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ,ଦ୍ୟୁତିକ୍ରୀଡାରେ ଲକ୍ଷ୍ମୀଙ୍କ ଠାରୁ ମହାପ୍ରଭୁ ହାରି ଯାଇଥିବାରୁ ରତ୍ନ ସିଂହାସନ ସ୍ଥିତ ଶ୍ରୀ ମାଧବ ସାତଦିନ ପର୍ଯ୍ୟନ୍ତ ଲକ୍ଷ୍ମୀ ମନ୍ଦିରରେ ବନ୍ଧା ହୋଇ ରହିଥାନ୍ତି। ଏହିପରି ଭାବେ ଶ୍ରୀମନ୍ଦିର ରେ କୁମାର ପୂର୍ଣ୍ଣିମା ନୀତି ପାଳିତ ହୋଇଥାଏ। ଯେଉଁଥିରେ କି ଲକ୍ଷ୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ।

**ସାଧାରଣ ସମ୍ପାଦକ**
**ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ,**
**ଓଡ଼ିଶା। ମୋ:୯୪୩୭୨୮୧୧୦୨**
**ଇମେଲ୍: drbhaskarmishra@gmail.com**

# ମନୋରଞ୍ଜନର ପ୍ଲାବନରେ ମଣିଷର ଭବିଷ୍ୟତ

**ଡ. ମୃଣାଳ ଚାଟାର୍ଜୀ**

ଆମ ସମାଜରେ ମନୋରଞ୍ଜନର ଗୋଟେ ପ୍ଲାବନ ଆସିଛି। ଆଉ ଏ ପ୍ଲାବନରେ ମନୋରଞ୍ଜନର ମୁଖ୍ୟ ପୁରୋଧା ନଟନଟୀମାନେ ଆଉ କେବଳ ବିନୋଦନର ନୁହଁ, ସମାଜର ସବୁ କ୍ଷେତ୍ରରେ ମୁଖ୍ୟ ପୁରୋଧା ଭାବରେ ଆବିର୍ଭୂତ ହେଇଛନ୍ତି। ସେମାନେ ଦାର୍ଶନିକ, ସମାଜ ସଂସ୍କାରକ, ସମାଜ ପରିବର୍ତ୍ତନର ପୁରୋଧା - ସବୁ ଭୂମିକାରେ ଅଛନ୍ତି। ଭୋଟ ସମୀକରଣରେ ମଧ୍ୟ ସେମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେଇ ଉଠିଛି। ମୋଟ ଉପରେ, ମନୋରଞ୍ଜନ ଏବଂ ମନୋରଞ୍ଜନକାରୀମାନେ ଆମ ସମାଜ ଜୀବନର ମାନସପଟରେ ଅଧିକ ସ୍ଥାନ ଅଧିକାର କରି ବସିଛନ୍ତି ।

ଆମ ପିଲାବେଳେ ଦୈନିକ ଖବରକାଗଜରେ ସପ୍ତାହର ଗୋଟିଏ ନିର୍ଦ୍ଦିଷ୍ଟ ଦିନ ବିନୋଦନ ସଂକ୍ରାନ୍ତ କୋଡପତ୍ର ପ୍ରକାଶିତ ହେଉଥିଲା। ଏବେ ଦେଖିବେ ସମ୍ବାଦ ଜଗତର ଅଧିକାଂଶ ଜାଗା ବିନୋଦନରେ ପୂର୍ଣ୍ଣ ଏବଂ ସେଥିରେ ବିନୋଦନର ଖବରଠାରୁ ବିନୋଦନକାରୀମାନଙ୍କର ବ୍ୟକ୍ତିଗତ ଜୀବନର ଖବର ଅଧିକ ।

ଅର୍ଥନୀତିର ଗୋଟେ ଜଣାଶୁଣା ନିୟମ ହେଲା, ଯାହାର ଡିମାଣ୍ଡ ବା ଚାହିଦା ବଢ଼ିବ ତାହାର ସପ୍ଲାଇ ବା ଯୋଗାଣ ବଢ଼ିଯିବ । ଏବେ ମନୋରଞ୍ଜନ କେବଳ ଆମର ଅବସର ବିନୋଦନ କରାଏ ନାହିଁ ବା ଅବସର ସମୟରେ ବିନୋଦନ କରେନାହିଁ ବରଂ ମନୋରଞ୍ଜନ ଆମକୁ ଗିଳି ଖାଇ ଦେଉଛି । ଆମେ କ୍ରମଶଃ ମନୋରଞ୍ଜନ-ସର୍ବସ୍ୱ ହେଇପଡୁଛୁ । ଆମର ଆଦର୍ଶମାନେ ମଧ୍ୟ ମନୋରଞ୍ଜନକାରୀ ହେଇ ଉଠୁଛନ୍ତି ବା ମନୋରଞ୍ଜନକାରୀମାନେ ହିଁ ଆମର ଆଦର୍ଶ ହେଇ ଉଠୁଛନ୍ତି।

ଗୋଟେ ସମୟରେ ସମାଜରେ ପ୍ରକୃତ ସେଲିବ୍ରିଟି ଥିଲେ ବିଜ୍ଞାନୀ, ସାହିତ୍ୟିକ, ଦାର୍ଶନିକ ଏବଂ ସମାଜ ସଂସ୍କାରକମାନେ। ରାଜା ରାମମୋହନ ରାୟ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ବିବେକାନନ୍ଦ, ରବୀନ୍ଦ୍ରନାଥ, ଶ୍ରୀଅରବିନ୍ଦ, ସୁବ୍ରମଣ୍ୟ ଭାରତୀ, ସିଭିରମଣ, ଜଗଦୀଶ ଚନ୍ଦ୍ର ବୋଷ, ଗାନ୍ଧୀ, ଗୋପବନ୍ଧୁ- ଏମାନେ ଥିଲେ ସମାଜରେ ସେଲିବ୍ରିଟି। ମଣିଷ ସେମାନଙ୍କୁ ଆଦର୍ଶ ଭାବରେ ମାନୁଥିଲେ।ସେମାନେ ଯେଉଁଠି ଯାଉଥିଲେ, ଲୋକେ ତାଙ୍କୁ ଦେଖିବାପାଇଁ ଆସୁଥିଲେ। ସେମାନେ ଥିଲେ ପ୍ରକୃତରେ ସେଲିବ୍ରିଟି।

ଆଜି ତାରିଖରେ ଚିତ୍ରଟି ଦେଖିବେ ସଂପୂର୍ଣ୍ଣ ଓଲଟା। ନଗରର ଅଭିନେତା ଅଭିନେତ୍ରୀମାନେ ସବୁଠାରୁ ବଡ ସେଲିବ୍ରିଟି । ଟେଲିଭିଜନ ରିଅଲିଟି ସୋ, ସୋସିଆଲ ମିଡିଆ ଇନଫ୍ଲୁଏନସର- ବିନୋଦନ ଜଗତର ମୁହଁଗୁଡ଼ିକ ଏବେ ଜନପ୍ରିୟତାର କେନ୍ଦ୍ରରେ, ଠିକ ତା ପଛକୁ ଅଛନ୍ତି କ୍ରିକେଟ ଖେଳାଳିମାନେ।କୌଣସି ଗୋଟେ ଅନୁଷ୍ଠାନରେ ଜଣେ ପ୍ରବାଦ ପ୍ରତିମ ବିଜ୍ଞାନୀ ଆଉ ଜଣେ ଟେଲିଭିଜନ ଅଭିନେତ୍ରୀଙ୍କୁ ଯଦି ଏକା ସାଙ୍ଗରେ ନିମନ୍ତ୍ରଣ କରାଯାଏ ସେତେବେଳେ ଦେଖିବେ ମନଯୋଗ, ଭିଡ ଏବଂ ସ୍ପଟଲାଇଟ ଅଭିନେତ୍ରୀ ଆଡକୁ। ବିଶ୍ୱବିଖ୍ୟାତ ବିଜ୍ଞାନୀ ଏକପାଖିଆ ହେଇ ଚୁପ୍‌ଚାପ୍ ବସିଛନ୍ତି। ଜଣେ ପେଶାଦାର ଦକ୍ଷ ଅଭିନେତା ବା ସଙ୍ଗୀତ ଶିଳ୍ପୀ ସେମାନଙ୍କ ନିଜସ୍ୱ ପରିସରରେ ଅନବଦ୍ୟ, କିନ୍ତୁ ପ୍ରଶ୍ନ ହେଲା ସମାଜ ପ୍ରତି ତାଙ୍କର ଦାୟବଦ୍ଧତା କେତେ ? ଅବଦାନ କଣ ?

ଜଣେ ବୈଜ୍ଞାନିକର ଆବିଷ୍କାର ମାନବ ସଭ୍ୟତାର ପଥ ବଦଳେଇ ଦିଏ। ଜଣେ ଦାର୍ଶନିକର ବକ୍ତବ୍ୟ ଗୋଟେ ପ୍ରଜନ୍ମର ଚିନ୍ତାଧାରା ତିଆରି କରିଦିଏ। ଜଣେ ସମାଜ ସଂସ୍କାରକର ପ୍ରଚେଷ୍ଟା ଲକ୍ଷ ଲକ୍ଷ ଲୋକଙ୍କୁ ଅନ୍ଧକାରରୁ ଆଲୁଅକୁ ନେଇଆସେ। ସେ ଅବଦାନ ତୁଳନାରେ ଆଜିକାର ସେଲିବ୍ରିଟି- ସେ କ୍ରିକେଟ ଖେଳାଳୀ ହୁଅନ୍ତୁ, ସିନେମା ଅଭିନେତା ଅଭିନେତ୍ରୀ ହୁଅନ୍ତୁ - ସେମାନଙ୍କର ଭୂମିକା କେତେ ଅଗଭୀର। ଏବେ ଦେଖାଯାଉଛି ସମାଜ ପରିବର୍ତ୍ତନ ପାଇଁ, ବିଭିନ୍ନ କୁସଂସ୍କାର ନିର୍ମୁଳ ପାଇଁ ସେମାନେ ପ୍ରଚାରର ମୁହଁ ହେଉଛନ୍ତି। ସେ ପ୍ରଚାର କେତେଦୂର ସେମାନଙ୍କର ପ୍ରତିବଦ୍ଧତାରୁ ଆସୁଛି ଆଉ କେତେ ବ୍ୟକ୍ତିଗତ, ବ୍ୟବସାୟିକ ମୁନାଫା ପାଇଁ ହେଉଛି- ତାହା ଭାବିବାର କଥା।

ପ୍ରଯୁକ୍ତିର ଅଗ୍ରଗତି ସହିତ ବିନୋଦନର ପରିସର ଏବଂ ମଞ୍ଚ କ୍ରମଶଃ ବଢୁଛି। ଗୋଟେ ସମୟରେ ଥିଲା ଆପଣ ଯାତ୍ରାଥିଏଟର ଦେଖିବେ ନହେଲେ ସିନେମା ଦେଖିବେ। ପରେ ତା ସହିତ ରେଡ଼ିଓ ଆଉ ଟେଲିଭିଜନ ଯୋଡ଼ିହେଲା। ଏବେ ଇଣ୍ଟରନେଟ୍ ଆଉ ସ୍ମାର୍ଟଫୋନ ସୌଜନ୍ୟରୁ ଜଣେ ଯେତେବେଳେ ଖୁସି, ଯେଉଁଠି ଖୁସି, ଯାହା ଖୁସି ଦେଖିପାରିବ, ଶୁଣିପାରିବ। ମନୋରଞ୍ଜନର ପରିସର ବି ବଢ଼ିଛି। ନାଚ ଗୀତ କାହାଣୀ ତେଇଁ ଏହା ସବୁଥିରେ ମିଶିଯାଇଛି। ଜଣଙ୍କର ପାରିବାରିକ ଝଗଡାଠୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ - ସବୁ ଏବେ ମନୋରଞ୍ଜନ। ଲୋକେ ତାଙ୍କ ସମୟ ବିନିଯୋଗ କରି ଯାହା ଦେଖିଲେ ଏବଂ ତାହାଦ୍ୱାରା ଅମୋଦିତ ହେଲେ - ତାହା ମନୋରଞ୍ଜନ। ଲୋକେ ଘଣ୍ଟା ଘଣ୍ଟା ଧରି ସର୍ଟ ଭିଡିଓ ଦେଖୁଛନ୍ତି ଆଉ ବିନୋଦନ ସାଉଁଟି ଚାଲିଛନ୍ତି।

ଏତେ ସହଜରେ ଜଣେ ଯେତେବେଳେ ବିନୋଦନର ଝରଣାରେ ଅବଗାହନ କରିପାରୁଛି, ସେତେବେଳେ ଲୋକେ ଗପସପ କରିବେ କାହିଁକି? ନାଚ, ଗୀତ, ବାଦ୍ୟଯନ୍ତ୍ର ଶିଖିବେ କାହିଁକି? ବହି ପଢ଼ିବେ କାହିଁକି ? ଏଣୁ ଲୁଚିଯାଉଛି ମଣିଷର ସୌକ୍, ହଜିଯାଉଛି କିଛି ବି ବିଷୟରେ ମନ ସଂଯୋଗ କରିବାର କ୍ଷମତା।

କ୍ରମଶଃ ମଣିଷ ଏକା ହେଇଯାଉଛି। ଆତ୍ମକେନ୍ଦ୍ରିକ ହେଇଯାଉଛି। ଏକ ସାମୂହିକ ଆତ୍ମକେନ୍ଦ୍ରିକତା ଏ ସମାଜକୁ କ୍ରମଶଃ ଗ୍ରାସ କରିପକଉଛି।

ଥରେ ଡିଜିଟାଲ ମିଡିଆ ଆଡକୁ ଚାହାନ୍ତୁ । ଦେଶର କେଉଁଠି ବନ୍ୟାହେଲାଣି, କେଉଁଠି ପାହାଡ ଧସିଗଲାଣି, କେଉଁଠି ବନ୍ୟା ହେଲାଣି, କେଉଁଠି ହସପିଟାଲରେ ବେଡ ମିଳୁନି, କଫ୍ ସିରପ ଖାଇ ଲୋକ ମରିଯାଉଛନ୍ତି, ଏ ଖବରଗୁଡିକ ଯେତେ ଲୋକ ଦେଖୁଛନ୍ତି, ତା'ଠୁ ଯଥେଷ୍ଟ ଅଧିକ ଦେଖୁଛନ୍ତି କୌଣସି ଅଭିନେତା ଅଭିନେତ୍ରୀଙ୍କର ବ୍ୟକ୍ତିଗତ ଜୀବନର ରସାଳ ଖବର, ସେମାନଙ୍କର ବିବାଦ, ସେମାନଙ୍କର ପାରିବାରିକ ଝଗଡା। ଯେହେତୁ ତାକୁ ବେଶୀ ଦେଖୁଛନ୍ତି, ଗଣମାଧ୍ୟମ ତାକୁହିଁ ବେଶୀ ଦେଖଉଛି କାରଣ ଗଣମାଧ୍ୟମ ବି ଅର୍ଥନୈତିକ କାରଣରୁ ଲୋକଙ୍କ ଆବଶ୍ୟକତାର ଖବର ନ ଦେଇ ସେମାନଙ୍କ ଚାହିଦା ମୁତାବକ ଖବର ଦେଲାଣି।

ଦେଶର ଅର୍ଥନୀତି, ଶିଶୁମାନଙ୍କର ସ୍ୱାସ୍ଥ୍ୟ, ମହିଳାମାନଙ୍କର ଉନ୍ନୟନ କ୍ରାନ୍ତିକ ଶ୍ରେଣୀର ଲୋକମାନଙ୍କର ପରିସ୍ଥିତି ଆନ୍ତର୍ଜାତିକ ଯୁଦ୍ଧ, ମୃତ୍ୟୁ, ପାଣିପାଗର କ୍ରମ ପରିବର୍ତ୍ତନ ଏସବୁ ଏଣ୍ଟରଟେନମେଣ୍ଟର ପ୍ଲାବନରେ କୁଆଡେ ହଜିଯାଉଛି । ଆଉ ଯେହେତୁ ଲୋକେ ଏଥିରେ ହଜିବାପାଇଁ ସୁଖ ପାଉଛନ୍ତି ଗଣମାଧ୍ୟମ ଆହୁରି ପ୍ଲାବନ ସୃଷ୍ଟି କରୁଛି।

2010ରେ ବୁକର ପୁରସ୍କାର ବିଜୟୀ ବ୍ରିଟିଶ୍ ଲେଖକ ହାୱାଡ ଜାକବସନ (ଜନ୍ମ: 1942) କହନ୍ତି ଯେ ଆସନ୍ତା ୨୦ ରୁ ୩୦ ବର୍ଷ ଭିତରେ ଆମେ ଏମିତି ଶିଶୁମାନଙ୍କୁ ପାଇବୁ ଯେଉଁମାନେ ଏକା ସାଙ୍ଗରେ ପାଞ୍ଚ ଧାଡି ପଢ଼ିପାରିବେନି। ସ୍ମାର୍ଟଫୋନର ଅତ୍ୟଧିକ ବ୍ୟବହାର ସେମାନଙ୍କୁ କେଉଁକଥାରେ ମନଃସଂଯୋଗ କରିବାକୁ ଦେବନାହିଁ। ଦୁର୍ଭିକ୍ଷ ହେଉ ବା ଯୁଦ୍ଧ, ବନ୍ୟାହେଉ ବା ଦଙ୍ଗା କିଛି ସେମାନଙ୍କ ମାନସପଟରେ ପ୍ରଭାବ ପକେଇବ ନାହିଁ।

ସାମାଜିକ ମାନସପଟରେ ମଧ୍ୟ ପ୍ରଭାବ ପକେଇବ ନାହିଁ , କାରଣ ପ୍ରତ୍ୟେକ ବ୍ୟକ୍ତି ଆତ୍ମକେନ୍ଦ୍ରିକ ହେଇଯାଇଥିବ। ଏକ 'ମାଇଣ୍ଡଲେସ' ମନୋରଞ୍ଜନର ପ୍ଲାବନ ଆମର ମାୟା, ମମତା, ସମ୍ବେଦନଶୀଳତା, ମାନସିକ ଉଦାରତା, ମନସଂଯୋଗ ଏସବୁ ପ୍ଲାବିତ କରିଦେବ । କିଏ କେଉଁଠି ମରୁଛି, କିଏ କେଉଁଠି କାନ୍ଦୁଛି, କିଏ କେଉଁ ଅବସ୍ଥାରେ ଅଛି ଏସବୁ ଆମକୁ ସ୍ପର୍ଶ କରିବନାହିଁ । ଆମେ କେବଳ 'ମୁଁ' ହେଇ ରହିଯିବୁ । କ୍ରମଶଃ ଆମେ ହେଇଉଠିବୁ ଏକ ଅନ୍ତସାରଶୂନ୍ୟ ଆତ୍ମକେନ୍ଦ୍ରିକ ମନୋରଞ୍ଜନ ସର୍ବସ୍ୱ ଯାନ୍ତ୍ରିକ ପ୍ରଜନ୍ମ । ତେଣୁ ବର୍ତ୍ତମାନଠୁ ଆମକୁ ଦେଖିବାପାଇଁ ପଡିବ କେଉଁପ୍ରକାର ବିନୋଦନରେ ଆମେ ଅଧିକ ସମୟ ଦେଉଛୁ । ସୁସ୍ଥ ସକାରାତ୍ମକ ମନୋରଞ୍ଜନ ନା ଅନ୍ତଃସାର-ଶୂନ୍ୟ ବିନୋଦନ।




# THE CELEBRATED SON OF THE SOIL JAYEE RAJGURU

Jatadhari Mishra

Lord Wellesly was the Governor General of Indiafrom 1798 to 1805.The East India Company wasthen facing a great crises for its existance. Therewas an attack from every corner in India. TheNizam of Hyderabad become its enemy. TipuSultan was nursing a grudge and was planning toliquidate the political influence of East IndiaCompany in India. The Marahatta was a greatpower against the said company. The sikhs inPunjab became an organised force. There waseminent danger of advance of NepoleonBonaparte who had reached Egypt and wasthreatening to advance into India. At that time, inOrissa, the Paikas were organised by JayakrushnaRajguru Mohapatra popularly known as JayeeRajguru, the Royal Priest, Commander-in-Chiefand the real administrative representative of PuriGajapatiMukundadev-II and an attempt wasmade to resist the implementation of British rule in Orissa. Jayee Rajguru was born in the villageBiraharekrushnapur under Puri Tahasil in the District of Puri on the auspicious day ofAnalanabami i.e. 24th day of Kartika in the year 1739(in English Calender year it was 29thOctober 1739). Late Chandra Rajguru was his father and Smt. Haramani Debi was his mother.He was an erudite Sanskrit scholar like his grand father Gadadhar Rajguru. He was also a greatTantrik Sadhak. He was bachlor and was theRajguru(Royal Prist) of Gajapati Dibyasingh Deband Mukunda Deb-II. He was appointed as Chief Minister-cum-Rajguru of Gajapati DibyasinghaDeb in the year 1780 at the age of 41.(1) Khurda Administration - The Raj GuruSystemIn the last part of seventeenth centuryBrahmins of Puri played a vital role in KhurdaAdministration., The selected Brahmins placedhigh executives in the different state offices. □Most Brahmins would rank the inhabitants of four□ Seed□ villages- Sri Mukundapur, Biswanathpur,Biraharekrushnapur and Bira Narasinghpur as the□ elite of the elite□ presumably because fourtraditional Rajagurus(spiritual preceptors),assigned to royal house, hailed from thesesettlements.□In the Sasan village proper, members ofRajguru□s lineage, socalledsamanta, wouldgenerally carry highest prestige because of thislink and because of their assignment in the traditional administration of the Kingdom.□(2). The Baechasa(Vatsa) clan supervised the revenue administration, the Go-Atreya clan the rituals forwarfare, the Nanda clan the runing of the great temples and Bajpeya clan the foundationsacifices.(3)It is noticed that there were four Rajgurus in Khurdha Administration and they were assignedfour important portfolios like Revenue, State Administration, Management of Temples andreligious advisor. Rajguru sometimes discharged the duties of the King. In the absence of the KingRajguru presented the Rajbhoga to the Lord.(4) Innumerable compositions by Brahmins bore thename of the monarch as author.(5)The king was the head and Rajguru placed in the 2nd positionof the state administration. Jayee Rajguru, who belong to Go Atreya lineage continued be Rajgurutill his death. He was the most influential personality during that period.Latches in Administration and its Revivalunder Jayee RajguruKhurdha had a very strong military forcewhich was loyal to their king,. A great debacletook place in the year 1779 when Khurda Kinginvolved in a war with JanujiBhonsala at Badambagarh. Narasingha Rajguru who handled the warwas killed in the battle.(7) Many a Paiks sacrificedtheir lives for the same of their mother land. Ahuge number were seriously injured and becameinvlid. No compensation could be paid by the king to the affected persons or persons killed in thebattle. Many Paiks left the troops, it was difficult on the part of Khurda King to handle the affairsof his state without a proper military organisation, In this critical moment Jayee Rajguru wasconsidered as the only substitute who was selected to be head of the administration and thechief of Army of Khurdha. Though Khurdha King paid Rs.10,000/-annual tributes to Marahattas , but remainedindependent for a long time, still that it was notfree from Burgis attack. They took the advantageof the poor administration and plundered place to place., They suddenly attacked the villagersand temples and took away the valuable things.They tortured ladies and children to extract moneyfrom their family. Some time they create fear among the people and threaten them to kill.Jayee Rajguru did not tolerate theseactivities of the Burgi□s and personally moved fromvillage to village to encourage the moral strengthof the Paiks. He organised village youths. Heinsisted them to confront Burgis, he adopted aPanchasutriProgramme.(8) . He encouragedthe people that each and every person should bea strong one by which they can be able to confrontany situation alone. Paik Akhedas and Troopswere reorganised and made active. Arms and ammunitions prepared in the state, were wellexamined and were tested in the rural festivals like Sitalasathy, champak dwadasi. Similarresearch development work also conducted byexperts during the testing in the festivals.In 1757 Britishers won in □PalasiWar□(Plassey) and became the owner of Bengal,Bihar and Midinapur in Orissa. In 1760 theydestroyed the Farasi power in □Wandiwash War□and captured a vast area of Andhra Pradesh,.They occupied from Godavari to Chilika fromHyderbad Nizam in 1765. Britishers establisheda Fort near Rusikulya river in Ganjam in southernside of Khurdha. It was felt necessary for themto connect Medinapur to Ganjam by road to transport their troops and goods. In 1798Britishers utilised Shyamsundar Dev, brother ofKhurdha King Gajapati Dibyasinghdev to captureKhurdha, whilteKhurdha King was seriously ill. Meantime GajapatiDibyasinghdev died andShyamsundar Dev attacked Khurdha to occupyKhurdha Kingdom by British troops. But all hisattempts became fruitless, Jayee RajguruSupported Mukund Dev-II and made him theking of Khurdha. This was not only the onlyachievement ofJayee Rajguru but he served continuously for more than 25 years and sacrificedhis life. for the sake of his mother land without having any interest of his own. He lost his life,property and family for the interest of the Nation. But till today he is in dark and has not beenproperly placed.Bhoi dynasty in Khurdha&Jayee Rajguru One Ramai Routray changed his name toRamachandra Dev and declared himself as the Gajapati of Orissa in the year 1571-72 andestablished his capital at Khurdha to avoid regular attacks on Cuttack, the then capital of Orissa.This dynasty is known as Bhoi dynasty and it ruled 234 years by 12 kings in Orissa. King MakundaDev-II was the last ruler of this dynasty, known as the last independent king of Khurdha, Cuttack.,Within this 234 years, Khurdha was attacked 18 times by different rulers and two kings were killedin this period. The entire territory comprised of 129 killas which were reduced to 71 towards thelast part of this dynasty. In the year 1730 Hyderabad Nizam attacked Khurdha andcaptured.Durbalpur, Ghumsar, Athagarh,Khalikote, Sergarh, Mahuri, Palur, Tikili, Chikit,Raghunathpur etc. The revenue generated out ofthis area was almost 1/3rd of the total state incomewhich was completely lost. In 1760 NarayanDeo, the King of Parala attacked Khurdhademanding the Khurdha throne claiming himselfthe successor of Ganga Dynasty. In this tim Khurdha King Gajapati Birakishore Dev was notin a position to oppose the attack. Therefore with the help of Marhata troops the King defeatedNarayan Dev and left 4(four) paying Pragannasi,.e.Purusottam, Rahanga, Chabiskud, Sirei andLembai to Marhatas towards the compensationof their troops(1 lakh cash demands made bySivaram Sathe). The economic condition ofKhurdha gradually reduced. Gajapati BirakishoreDev became mad and killed his four sons(9),Subsequently he was confined in Cuttack and diedin jail. His grand sonDibyasingh Dev became theGajapati of Orissa and appointed Jaya KrushnaMohapatra out of Go-Atreya clan as Rajguru whowas popularly known as Jayee Rajguru as RajguruAdministration, in charge of Miletia of Khurdhaknown as DIWAN or Commander-in-Chief ofKhurdhaMilitary . Due to the financial crisis itwas difficult on the part of the King to strengthenthe Military immediately. HoweverJayee Rajgurutook the personal care and tried to revive thestrength of the troops gradually. Within a veryshort period Khurdha became strong in administration and able to face any situation.Britishers were in search of a path toconnect Balasore and Ganjam. Taking anopportunity the District Magistrate of Ganjam Col.Harcourt signed an agreement with the king ofKhurdha, to pay One lakh of Rupees to the kingand to return back the four Praganas which wereunder the occupation of the Marahattas since1760 A.D. , without consulting to Jayee Rajguru,the regent. But their district authority of Ganjam,in their letter to Government appraised that onlyRupees one lakh are to be paid to this King andthere



was no mention of returning back the fourPraganas towards compensation for availing freeand safe passage in the territory of Khurdha toconnect Ganjam and Balasore(10).Col. Har Court proceeded from Ganjamthrough Manik Patna, Puri, Danda Mukundapur,Pipli and then reached at Cuttack. Then OrissaDay was celebrated at Cuttack on 14th October1803 as a symbol of victory. The Deogaon Treatywas signed between the Britishers and Maratha□sin the year 1803 December as a result, all theMaratha occupations in Orissa automaticallytransferred to the British Control and they becamemore powerful. Thereafter they imposed theirauthority among the princely States of Orissa andcompelled them to sign the agreement as per theterms and conditions laid down by the Britishers.On the Other hand the Britishers did nottake any step to clear up the balance money ofthe committed amount nor the four Parganas,. However Britishers insisted on the king ofKhurdha to sign the agreement with certain terms and conditions newly imposed and send specialmessengers to get the signature of the king on the agreement. The king returned the agreementfor the second time . The messenger reported that due to the evil influence of Dewan JayeeRajguruthe king did not sign the agreement. Then Britishers sent a message to the king to remove JayeeRajguru from the post of the adviser, so that Rs.50,000/-(Rupees fifty thousand only) extra tobe paid to the king. The messenger stayed at Khurdha for fourteen days, but in vain. But hecould able to collect some secret informations about the state and administration. However theking signed the agreement due to compulsion. Jayee Rajguru with 2000 armed forcesproceeded to Cuttack to collect balance amount of Rupees Ninty thousand and to release fourpraganas(11). But the British Authority paid only Rs.40,000/- and refused bluntly not to return backthe praganas as they have got the same from Marahatas.Arrangements for Confrontation :Jayee Rajguru then returned backreorganised the army , negotiated with thefeudatory States of Orissa and with the Marathapower at Nagpur secretely to outset them fromthe State and from the Country. Unfortunately thesecret negotiations came out when Antaji Naikand Sambhu Bharati the secret agents were caughtin the British hand. Then the Britishers dicided tocapture Khurdha by force. Jayee Rajguru wasdetermined to have a fight with the British forceand to remove them out. Then he captured fourPraganas. The land revenue were collectedKhurdha Administration by deputing their Aminsand Tehsildars to different places. Mokadam Achut Barik deputed to Batagaon, DambaruHarichandan for Barapada, Gadakharada,Matiapada where 200 Kahan Kaudis werecollected. Murari Pandit was deputed to GadaRahanga, Sirai, Chabiskud and many employeeswere deputed to collect land revenue from thedifferent British Occupied areas,(12)In September 1804, the Raja of Khurdhawas forbidden to exercise his traditional rights of issuing orders to persons residing within the limitof Moghalbandi territory without the sanction of the British Traditional rights of issuing orders topersons residing within the limit of Moghalbandi territory without the sanction of the BritishCommissioner. Alongwith he was deprived of the traditional rights of Jagannath Temple whichwas a serious shock to the King.(13).Consequently there was slight upheaval inOctober 1804, a group of Paikas taken to be the soldiers of Khurdha attacked to Pipili,presumably with a view to overthrew the BritishAuthority and captured the village in a vicinity ofPipili. This attack alarmed the Britishers whoapprehended that those local troubles mightassume serious propertions and they immediatelytook quick preventive measures. There was a verystrong rumour about the attack of Maratha onOrissa. Therefore the Commissioner wasdetermined to root out all dangers before theyassumed any formidable proportions. Simultaneously the King of Khurdhaarranged all sorts of helps from the tributary chiefs of Orissa,.Jayee Rajguru requested all the Kingsof the State to join hands for a common cause against the British. The King ofKunjang,Kanika, Harishpur, Marichipurand prepared to attach Britishers at a streach.Con. Harcut found that the existing Military wasquiet insufficient to suppress the movement.Therefore he wrote a letter to the authority Mr.M. Shawe.I do not think the Raja of Khurdha mustbe ex-terminated. It is my intention todemand theimmediate dismissal of his troops and destructionof his barriers; that he should give upcorrespondence with any person dissatisfied withthe British Govt.(15).As the actions of East India Company inIndia was opposed by the Court of Directors,Lord Wellsolly did not allow for a massive militarycompaign in Orissa. Therefore he instructed toCon. Harcut to adopt a Conciliatory attitudetowards Raja. But all attempts failed and fight wasfelt necessary. Then serious fight was made withthe military of Khurdha with Britishers. Fight continued for a long period and Jayee Rajguruwas arrested from the Khurdha fort and was taken to Barabati fort.As soon as British attached Khurdha Fortfrom the Gopinath Dev Temple side, Jayee Rajguru sent Gajapati Mukund Dev-II toGangamata Math, Puri with a faithful Paik namedDurga Charan Singh with a instruction to theMahant of the Math to keep the King secretlyin the Math with care and the fact must not bepublished.(16). Though King and the letter of theJayee Rajguru reached safely in Puri but the Kingwas disturbed and approached Fate Mohamad,who treacheriously informed Con. Harcutand King was arrested on 3rd January 1805. ThenJayee Rajguru and the King were sent to Midnapore Jail from Cuttack, anticipating furtheragitation in the State.Trial and AwardFrom the prison, the King submitted apetition to the British Govt. stating all the factsrelating to the rising of 1805. In that petition, heprayed that he was innocent whatever thedisturbance was done that was done by JayeeRajguru. The petition of the King was consideredand he was released. He was not allowed to stayat Khurdha. His resident was shifted to PuriPermanently and thereafter his successors areresiding at Puri and known as Raja of Puri.The trial of Jayee Rajguru took place atBagitota in Midnapore. On the question of Col.Har Court, Jayee Rajguru boldly replied that asRaja was a child, what had been done is done bymyself. (17). The Britishers charged him guilty ofwaging a war □against the lawfully establishedGovt. of the land□. He was ordered to be hangedtill death.Jayee Rajguru was brutally killed by theBritish soldiers on the broad day light on 6thDecember 1806. He exhibited extra ordinarycalmness of mind and spirit even at the time of hissavage death.The Martyrdom of Jayee Rajguru is a brightchapter of courage and valour in the freedommovement. He has carved out a niche for himselfin the heart of innumerable inhabitants of theState-for all times to come. Jayee means victorious, though his revolution failed andBritishers conquered Orissa, but he still remainedJayee(the victorious) even after his death. HisDeeds, and Supreme sacrifice made him victoriousin the eyes of crores of Indians and he provedhim as the real son of the soil.

Jatadhari Mishra at Biraharekrushnapur in the district of Puri.

## ନୀତିଶିକ୍ଷା

# ପଥି ସମସ୍ତଙ୍କ ପାଇଁ ଗୋଟିଏ ନୁହେଁ

ଭବତୋଷ ତ୍ରିପାଠୀ



ଏକଦା ଜଣେ ଯୁବଛାତ୍ର ଜଣେ ମହାନ୍ ସାଧୁଙ୍କ ନିକଟକୁ ଯାଇଥାନ୍ତି । ସାଧୁଙ୍କୁ ଭେଟି ବିନମ୍ର ପ୍ରଣତି ଜଣାଇ ଛାତ୍ର ଜଣକ ପ୍ରଶ୍ନ କଲେ, " ମହାଶୟ ! ମୁଁ ଆଧ୍ୟାତ୍ମିକ ଜ୍ଞାନ ଶିକ୍ଷା କରିବାକୁ ଚାହେଁ । ସେଥିପାଇଁ କ'ଣ ମୋତେ ମୋ ଘରଦ୍ୱାର ଓ ପରିବାର ଆଦି ସର୍ବସ୍ୱ ତ୍ୟାଗ କରିବାକୁ ପଡ଼ିବ ?"

ସାଧୁ ଜଣଙ୍କ ଉତ୍ତରରେ କହିଲେ, ମୋଟେ ନୁହେଁ । ଜଣେ ସଂସାର ମଧ୍ୟରେ ଜଡ଼ିତ ରହି ସୁଦ୍ଧା ଆଧ୍ୟାତ୍ମିକ ଜ୍ଞାନ ଲାଭ କରିପାରେ । ଅନେକ ସେପରି ଗୃହୀ ମୁନିଋଷି ମାନଙ୍କର ଦୃଷ୍ଟାନ୍ତ ଆମ ଆଗରେ ଅଛି । ଏପରିକି ରାଜା ଜନକ ନିଜ ପରିବାର, ରାଜକାର୍ଯ୍ୟ ଓ ପ୍ରଜାଙ୍କ ଦାୟିତ୍ୱ ସଂପାଦନ କରି ସୁଦ୍ଧା ଅଧ୍ୟାତ୍ମ କ୍ଷେତ୍ରରେ ବହୁ ଉଚ୍ଚକୋଟୀର ସାଧକ ହୋଇପାରିଥିଲେ ।"

ସାଧୁଙ୍କ ଉତ୍ତରରେ ସନ୍ତୁଷ୍ଟ ହୋଇ ଛାତ୍ରଟି ଚାଲିଗଲା । କିଛିକ୍ଷଣ ପରେ ଅନ୍ୟଜଣେ ଯୁବକ ସାଧୁଙ୍କ ନିକଟରେ ପହଞ୍ଚି ଠିକ୍ ସେଇ ପ୍ରଶ୍ନ ପଚାରିଲେ । ଏଥର ସନ୍ନ୍ୟାସୀଙ୍କ ଉତ୍ତର ଭିନ୍ନ ଥିଲା । ସେ କହିଲେ, " ଗୃହ ଏବଂ ପରିବାର ଠାରୁ ଦୂରରେ ରହି ସାଧନା କରିବା ନିଶ୍ଚିତ ଭାବେ ତୁମକୁ ଆଧ୍ୟାତ୍ମିକ ଉନ୍ନତି ପଥରେ ସାହାଯ୍ୟ କରିବ । ଜଣେ ଧନ ସଂପତ୍ତି ଓ ପରିବାର ବନ୍ଧନରେ ଲିପ୍ତ ରହିବା ଦ୍ୱାରା ସାଧନାରେ ବ୍ୟାଘାତ ଘଟେ । ଏହା ନିଶ୍ଚିତ ଯେ ଗୃହତ୍ୟାଗ କରିବା ଦ୍ୱାରା ତୁମେ ଅନାସକ୍ତ ରହି ସାଧନାରେ ଶୀଘ୍ର ଅଗ୍ରଗତି କରିପାରିବ । ତେଣୁ ସାଧନା କରିବା ପାଇଁ ଗୃହତ୍ୟାଗ ଜରୁରୀ ।

ସମୟାନୁକ୍ରମେ ଦୁଇଜଣ ଯୁବକଙ୍କର ଏକତ୍ର ଦେଖା ସାକ୍ଷାତ ହେଲା । ପରସ୍ପର ନିଜ ନିଜର ଆଧ୍ୟାତ୍ମିକ ସାଧନା ବିଷୟରେ ଚର୍ଚ୍ଚା କରିବାକୁ ଲାଗିଲେ । ଦୁହେଁ କିପରି ଜଣେ ଜଣେ ସନ୍ନ୍ୟାସୀଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ ଏବଂ ସନ୍ନ୍ୟାସୀ ଯାହା ଉପଦେଶ ଦେଇଥିଲେ ତାହା ସେମାନଙ୍କ ପାଇଁ କେତେ ଲାଭ ଦାୟକ ଥିଲା ସେ ବିଷୟରେ ମଧ୍ୟ ଚର୍ଚ୍ଚା କଲେ । କଥୋପକଥନ କ୍ରମରେ ସେମାନେ ଜାଣିବାକୁ ପାଇଲେ ଯେ ଯେଉଁ ସନ୍ନ୍ୟାସୀଙ୍କ କଥା ସେମାନେ ଚର୍ଚ୍ଚା କରୁଛନ୍ତି ସେ ଉଭୟଙ୍କର ଗୁରୁ । ଦୁହେଁ ବିଭିନ୍ନ ସମୟରେ ଭେଟି ଭିନ୍ନ ଭିନ୍ନ ଉପଦେଶ ପାଇଛନ୍ତି ଜାଣିପାରି ସାଧୁଙ୍କ ନିକଟକୁ ଯାଇ ଦୁହିଁଙ୍କୁ ଗୋଟିଏ ପ୍ରଶ୍ନ ପାଇଁ ଦୁଇଟି ଭିନ୍ନ ମତ ଦେଇ ବିଭ୍ରାନ୍ତି ସୃଷ୍ଟି କରିଥିବା ଦୋଷାରୋପ କଲେ। ସାଧୁଜଣଙ୍କ ସ୍ମିତ ହସି କହିଲେ,

"ତୁମର ପ୍ରଶ୍ନ ଗୋଟିଏ ଥିଲା । କିନ୍ତୁ ତୁମେ ଦୁହେଁ ସଂପୂର୍ଣ୍ଣ ଦୁଇଟି ଅଲଗା ମଣିଷ। ତେଣୁ ଯାହାପାଇଁ ଯେଉଁ ଶିକ୍ଷା ପ୍ରଯୁଜ୍ୟ ତାହାକୁ ସେହି ଉପଦେଶ ପ୍ରଦାନ କରାଯାଇଛି ।"

ମର୍ମବାଣୀ : ଆମେ ଭାବିଥାଉ ଯେ ଆମେ ଯାହା ଜାଣିଛୁ ବା ଯାହା କରୁ ? ତାହାହିଁ ଠିକ୍ ଆଉ ସମସ୍ତେ ଭୁଲ୍ । ଏହି ଚିନ୍ତାରେ ଆମେ ବଞ୍ଚିଥାଉ । କିନ୍ତୁ ଆମେ ଜାଣିପାରୁ ନାହୁଁ ଯେ ସମସ୍ତଙ୍କ ପାଇଁ ଗୋଟିଏ ଶିକ୍ଷା ପ୍ରଯୁଜ୍ୟ ନ ହୋଇପାରେ। କାରଣ ଆମେ ପ୍ରତ୍ୟେକ ଅଦ୍ୱିତୀୟ ଏବଂ ଏକ ଅନ୍ୟଠାରୁ ଭିନ୍ନ। ଗୁରୁ ସର୍ବଦା ଶିଷ୍ୟର ପ୍ରକୃତି ଓ ମନୋଭାବ ଜାଣି ଯାହାପାଇଁ ଯାହା ଉପଯୁକ୍ତ ସେହି ଶିକ୍ଷା ପ୍ରଦାନ କରନ୍ତି । କାରଣ ଗୁରୁ ସର୍ବଜ୍ଞ'

ପାର୍ବତୀପୁର, ପୁରୀ

ମୋ – ୯୦୯୦୧୭୨୧୬୭

# ୨୦୨୬ ବାର୍ଷିକ ରାଶିଫଳ

## ।। ଓଁ ଶ୍ରୀ ଦୁର୍ଗାମାଧବାଭ୍ୟାଂ ନମଃ ।।



**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରୀପାଠୀ ଶର୍ମା**
ଶ୍ରୀ ଲୋକନାଥ ରୋଡ, ହାତୀଶାଳ
ପୁରୀ : ୭୯୭୮୪୬୪୬୩୯



**ମେଷ ରାଶି:** ଏହି ବର୍ଷରେ ଆପଣଙ୍କର ପ୍ରଥମ ପାଞ୍ଚମାସ ମଧ୍ୟମ ଶୁଭ ଏବଂ ତତ୍ପରେ ଅକ୍ଟୋବର ପର୍ଯ୍ୟନ୍ତ ଅଶୁଭ ଓ ନଭେମ୍ବର ଓ ଡ଼ିସେମ୍ବର ମାସ ଅତ୍ୟନ୍ତ ଶୁଭ। ଶନି ଓ କେତୁ ପ୍ରାୟତଃ ବର୍ଷସାରା ଅଶୁଭ ଓ ରାହୁ ବର୍ଷଟି ଶୁଭ। ବ୍ୟୟ ବୃଦ୍ଧି ଓ ପାରିବାରିକ ଜୀବନରେ କିଛି ସମସ୍ୟା ଏବଂ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ବିଦ୍ୟାର୍ଥୀମାନେ ପଢ଼ାରେ ମନଯୋଗ କମ ଦେବେ। ପ୍ରତିକାର ରୂପେ ଶ୍ରୀଗଣେଶଙ୍କୁ ସ୍ତୁତି କରନ୍ତୁ।

**ବୃଷ ରାଶି:** ଏହି ବର୍ଷରେ ଆପଣଙ୍କର ପ୍ରଥମ ପାଞ୍ଚମାସ ଅତିଶୁଭ ଏବଂ ମଧ୍ୟମ ଭାଗରେ ଜୁନ ରୁ ଅକ୍ଟୋବର ମଧ୍ୟମ ଶୁଭ ଓ ଶେଷରେ ଅଶୁଭ ରହିବ। ଶନି ଓ ରାହୁ ବର୍ଷଟି ଶୁଭ ଥିବା ବେଳେ କେତୁ ଅଶୁଭ। ଆର୍ଥିକ ସ୍ଥିତିରେ ଆୟ ହେବ। ପାରିବାରିକ ଜୀବନରେ ସୁଖଶାନ୍ତି ପାଇବେ। ସାମାନ୍ୟ ଶରୀର ପୀଡା ହୋଇପାରେ। ବିଦ୍ୟାର୍ଥୀମାନେ ସଫଳ ହେବେ। ପ୍ରତିକାର ରୂପେ ମହାଦେବଙ୍କୁ ସ୍ମରଣ କରନ୍ତୁ ସୁଫଳପ୍ରାପ୍ତି ହେବ।

**ମିଥୁନ ରାଶି:** ଏହି ବର୍ଷରେ ଆପଣଙ୍କର ପ୍ରଥମ ପାଞ୍ଚମାସ ଓ ଶେଷ ଦୁଇ ମାସ ମଧ୍ୟମ ଧରଣର ଶୁଭ ଓ ଜୁନ ରୁ ଅକ୍ଟୋବର ପର୍ଯ୍ୟନ୍ତ ଶୁଭ ହେବ। ଶନି ଓ କେତୁ ବର୍ଷସାରା ଶୁଭ ଓ ରାହୁ ଅତି ଅଶୁଭ। ଆୟ ଅତ୍ୟନ୍ତ ଭଲ ହେବ। ପାରିବାରିକ ଜୀବନ ଖୁସିରେ କାଟିବେ। ଶରୀର ପ୍ରତି ଧ୍ୟାନ ଦିଅନ୍ତୁ। ବିଦ୍ୟାର୍ଥୀମାନେ ପରିଶ୍ରମ ଅନୁଯାୟୀ ଫଳ ପାଇବେ। ପ୍ରତିକାର ରୂପେ ମା' ମଙ୍ଗଳାଙ୍କୁ ଆରାଧନା କରନ୍ତୁ ମଙ୍ଗଳ ହେବ।

**କର୍କଟ ରାଶି:** ଏହି ବର୍ଷରେ ଆପଣଙ୍କର ପ୍ରଥମ ପାଞ୍ଚମାସ ଅଶୁଭ ଓ ତତ୍ପରେ ଚାରିମାସ ମଧ୍ୟମ ଶୁଭ ଓ ଶେଷରେ ଅତ୍ୟନ୍ତ ଶୁଭ ହେବ। ଶନି ରାହୁ ଓ କେତୁ ବର୍ଷଟି ସମ୍ପୂର୍ଣ୍ଣ ଅଶୁଭ। ଆୟ ମଧ୍ୟମ ଧରଣର ରହିବ। ପାରିବାରିକ ଜୀବନ ସାମାନ୍ୟ ଚିନ୍ତାଜନକ ରହିପାରେ। ଶରୀର କିଛି ଅସୁସ୍ଥ ରହିପାରେ। ବିଦ୍ୟାର୍ଥୀମାନେ ପଢ଼ାରେ ପଛେଇ ଯାଇପାରନ୍ତି. ପ୍ରତିକାର ରୂପେ ହନୁମାନ ଚାଳିଶା ପାଠ କରନ୍ତୁ।

**ସିଂହ ରାଶି:** ଏହି ବର୍ଷରେ ଆପଣଙ୍କର ପ୍ରଥମ ପାଞ୍ଚମାସ ଶୁଭ ଓ ଜୁନରୁ ଅକ୍ଟୋବର ଅଶୁଭ ଏବଂ ଶେଷ ଦୁଇ ମାସ ମଧ୍ୟମ ଶୁଭ ହେବ। ଶନି ରାହୁ ଓ କେତୁ ଅତି ଅଶୁଭ ବର୍ଷଟିରେ ରହିବେ। ଆୟ ଉତ୍ତମ ରହିବ। ପାରିବାରିକ ଜୀବନରେ ଖୁସି ପାଇବେ। ଅସୁସ୍ଥତା ଦେଖାଦେଇପାରେ। ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ କରନ୍ତୁ। ପ୍ରତିକାର ରୂପେ ଶ୍ରୀମହାଦେବଙ୍କୁ ଆରାଧନା କରନ୍ତୁ ମଙ୍ଗଳ ହେବ।

**କନ୍ୟା ରାଶି :** ଏହି ବର୍ଷରେ ଆପଣଙ୍କର ପ୍ରଥମ ପାଞ୍ଚମାସ ଶୁଭ ଓ ଜୁନ ରୁ ଅକ୍ଟୋବର ଶୁଭ ଏବଂ ଶେଷ ଦୁଇ ମାସ ଅଶୁଭ ରହିବ। ଶନି ଓ କେତୁ ଅଶୁଭ ରହିବା ବେଳେ ରାହୁ ବର୍ଷଟି ଶୁଭ ରହିବ। ଆୟ ଭଲ ହେବ। ପାରିବାରିକ ଜୀବନରେ ସୁଖଶାନ୍ତି ପାଇବେ। ସାମାନ୍ୟ ଅସୁସ୍ଥତା ରହିବ। ବିଦ୍ୟାର୍ଥୀମାନେ ପଢ଼ାରେ ମନଯୋଗ କମ ଦେବେ। ପ୍ରତିକାର ରୂପେ ବିଷ୍ଣୁସହସ୍ରନାମ ପାଠ କରନ୍ତୁ।

**ତୁଳା ରାଶି:** ଏହି ବର୍ଷଟି ଆପଣଙ୍କର ସମ୍ପୂର୍ଣ୍ଣ ଶୁଭଫଳ ପ୍ରାପ୍ତି ହେବ. ଶନି ଓ କେତୁ ମଧ୍ୟମଶୁଭ ରହିଥିବାବେଳେ ରାହୁ ଅଶୁଭ। ଆୟ ଆପଣଙ୍କର ଅତ୍ୟୋତ୍ତମ ରହିବ। ପାରିବାରିକ ଜୀବନରେ ସୁଖସମୃଦ୍ଧି ରହିବ। ସ୍ୱାସ୍ଥ୍ୟ ଉତ୍ତମ ଧରଣର ରହିବ। ବିଦ୍ୟାର୍ଥୀମାନେ ପଢାପଢ଼ିରେ ସଫଳତା ପାଇବେ ଓ ପରୀକ୍ଷାରେ ସୁଫଳ ପ୍ରାପ୍ତିହେବେ। ପ୍ରତିକାର ରୂପେ ମହାଦେବଙ୍କୁ ସ୍ମରଣ କରନ୍ତୁ।

**ବିଛା ରାଶି:** ଏହି ବର୍ଷରେ ଆପଣଙ୍କର ପ୍ରଥମ ପାଞ୍ଚମାସ ଅଶୁଭ ରହିଥିବା ବେଳେ ତତ୍ପରେ ବର୍ଷ ଶେଷ ପର୍ଯ୍ୟନ୍ତ ଶୁଭ। ଶନି ଓ ରାହୁ ଅଶୁଭ ଓ କେତୁ ଶୁଭ। ଆୟ ସାଧାରଣତଃ ଭଲ ହେବ। ପାରିବାରିକ ଜୀବନ ଉତ୍ତମ ଧରଣର ରହିବ। ଶାରୀରିକ ପୀଡା ଦେଖାଦେଇପାରେ। ବିଦ୍ୟାର୍ଥୀମାନେ ପଢ଼ାରେ କିଛି ଅବହେଳା କରିପାରନ୍ତି। ପ୍ରତିକାର ରୂପେ ଶ୍ରୀଜଗନ୍ନାଥଙ୍କ ସ୍ତୁତି କରନ୍ତୁ ସୁଫଳ ପ୍ରାପ୍ତି ହେବ।

**ଧନୁ ରାଶି:** ଏହି ବର୍ଷରେ ଆପଣଙ୍କର ପ୍ରଥମ ପାଞ୍ଚମାସ ଶୁଭ ଓ ଜୁନ ମାସ ଠାରୁ ଅକ୍ଟୋବର ପର୍ଯ୍ୟନ୍ତ ଅଶୁଭ ଓ ଶେଷ ଦୁଇ ମାସ ଅତ୍ୟନ୍ତ ଶୁଭ। ଶନି ବର୍ଷ ସାରା ଅଶୁଭ ରହିଥିବା ବେଳେ ରାହୁ ଓ କେତୁ ମଧ୍ୟମଶୁଭ ରହିବେ। ଆୟ ଭଲ ହେବ। ପାରିବାରିକ ଜୀବନରେ କିଛି ସମସ୍ୟା ଦେଖାଦେଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ବିଦ୍ୟାର୍ଥୀମାନେ ପଢ଼ାରେ ପଛେଇବେ। ପ୍ରତିକାର ରୂପେ ହନୁମାନଙ୍କୁ ଆରାଧନା କରନ୍ତୁ।

**ମକର ରାଶି :** ଏହି ବର୍ଷରେ ଆପଣଙ୍କର ପ୍ରଥମ ପାଞ୍ଚମାସ ଶୁଭାଶୁଭ ମିଶ୍ରିତ ଫଳଦାୟକ ରହିବ ଓ ଜୁନ ଠାରୁ ଅକ୍ଟୋବର ଅତିଶୁଭ ହେଇଥିବା ବେଳେ ଶେଷ ଦୁଇମାସ ଅଶୁଭ ରହିବ। ଶନି ବର୍ଷଟିରେ ଶୁଭ ଓ ରାହୁ କେତୁ ଅଶୁଭ ରହିବେ। ଆୟବୃଦ୍ଧି ହେବ। ପାରିବାରିକ ଜୀବନରେ ସୁଖପାଇବେ। ସ୍ୱାସ୍ଥ୍ୟ ଭଲ ରହିବ। ବିଦ୍ୟାର୍ଥୀମାନେ ପଢ଼ାରେ ସଫଳତା ପାଇବେ। ପ୍ରତିକାର ରୂପେ ମହାଦେବଙ୍କୁ ସ୍ମରଣ କରନ୍ତୁ।

**କୁମ୍ଭ ରାଶି:** ଏହି ବର୍ଷରେ ଆପଣଙ୍କର ପ୍ରଥମ ପାଞ୍ଚମାସ ଓ ଶେଷ ଦୁଇ ମାସ ଅତ୍ୟନ୍ତ ଶୁଭ ରହିବ ଓ ମଧ୍ୟଭାଗ ଅର୍ଥାତ ଜୁନରୁ ଅକ୍ଟୋବର ପର୍ଯ୍ୟନ୍ତ ସାମାନ୍ୟ ଅଶୁଭ ରହିବ। ଶନି ଓ ରାହୁ ଏବଂ କେତୁ ମଧ୍ୟ ବର୍ଷଟିରେ ଅଶୁଭ ରହିବେ। ଆୟ ଅପେକ୍ଷା ବ୍ୟୟ ଅଧିକ ହେବ। ପାରିବାରିକ ଜୀବନରେ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବିଦ୍ୟାର୍ଥୀ ମାନେ ସୁଫଳ ପାଇବେ। ପ୍ରତିକାର ରୂପେ ହନୁମାନ ଚାଳିଶା ପାଠକରନ୍ତୁ।

**ମୀନ ରାଶି:** ଏହି ବର୍ଷରେ ଆପଣଙ୍କର ପ୍ରଥମ ପାଞ୍ଚମାସ ଅଶୁଭ ଓ ଜୁନ ଠାରୁ ଅକ୍ଟୋବର ପର୍ଯ୍ୟନ୍ତ ଅତିଶୁଭ ଓ ବର୍ଷର ଶେଷ ଦୁଇ ମାସ ମଧ୍ୟମ ଶୁଭ ରହିବ। ଶନି ଓ ରାହୁ ଅତି ଅଶୁଭ ରହିବେ ଓ କେତୁ ଶୁଭ ରହିବେ। ଆୟ କମ ହେବ। ପାରିବାରିକ ଜୀବନରେ କିଛି ଅଶାନ୍ତି ରହିପାରେ। ସ୍ୱାସ୍ଥ୍ୟ ଭଲ ରହିପାରେ। ପ୍ରତିକାର ରୂପେ ମହାଦେବଙ୍କୁ ଆରାଧନା କରନ୍ତୁ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଶାସ୍ତ୍ର ବନାମ ସୁବିଧା...

ତାଙ୍କର ସଂସ୍କୃତି ନେଇ ଭାବନାତ୍ମକ ହୋଇଥିଲେ ମଧ୍ୟ ସଂଗଠିତ ଓ ଦୃଢ଼ ଭାବେ ସ୍ୱର ଉଠାଇପାରୁନଥିଲେ। ଏହି ନିଷ୍ପତ୍ତି ପ୍ରମାଣ କରେ ଯେ ଯଦି ତଥ୍ୟ, ଶାସ୍ତ୍ର ଓ ପରମ୍ପରା ଆଧାରରେ ଦାବି ରଖାଯାଏ, ତେବେ ବିଶ୍ୱସ୍ତରୀୟ ସଂଗଠନ ମଧ୍ୟ ସେଥିରେ କାନ ଦେଇଥାଏ।

ତଥାପି ଏହି ପଦକ୍ଷେପକୁ ଅନ୍ତିମ ସମାଧାନ ଭାବେ ଦେଖି ନିର୍ବିକାର ହୋଇଯିବା ଉଚିତ ନୁହେଁ। ପରମ୍ପରାର ସୁରକ୍ଷା ଏକ ନିରନ୍ତର ପ୍ରକ୍ରିୟା। ଭବିଷ୍ୟତରେ ଆଉ କୌଣସି ସଂଗଠନ କିମ୍ବା ସଂସ୍ଥା ଯଦି ନିଜ ସୁବିଧା ଅନୁଯାୟୀ ରଥଯାତ୍ରାର ରୂପ ବଦଳାଇବାକୁ ଚେଷ୍ଟା କରେ, ସେଥିରେ ସମାଜକୁ ସଚେତନ ରହିବାକୁ ପଡ଼ିବ। ଶ୍ରୀଜଗନ୍ନାଥଙ୍କ ପରମ୍ପରା କୌଣସି ପ୍ରୟୋଗଶାଳା ନୁହେଁ।

ISKCON ଦ୍ୱାରା ଗୃହୀତ ଏହି ନିଷ୍ପତ୍ତି ଧାର୍ମିକ ସଂସ୍କୃତି ପାଇଁ ଏକ ସଠିକ୍ ଦିଗଦର୍ଶନ। ଏହା ଦେଖାଇଦେଇଛି ଯେ ଆଧୁନିକତାର ନାମରେ ପରମ୍ପରାକୁ ଛାଡ଼ିବା ଅନିବାର୍ଯ୍ୟ ନୁହେଁ। ରଥଯାତ୍ରା ଯେପରି ପୁରୀରେ ଜନ୍ମ ନେଇଛି, ସେହି ପୁରୀର ପଞ୍ଜିକା ଓ ନୀତି ଅନୁଯାୟୀ ହିଁ ସାରା ବିଶ୍ୱରେ ପାଳିତ ହେବା ଉଚିତ— ଏହି ସରଳ ସତ୍ୟକୁ ସ୍ୱୀକାର କରିବାରେ ହିଁ ଶ୍ରୀଜଗନ୍ନାଥଙ୍କ ପ୍ରତି ସତ୍ୟ ଭକ୍ତି ରହିଛି।

ଶ୍ରୀଜଗନ୍ନାଥଙ୍କ ପରମ୍ପରା ସହ କୌଣସି ସମଝୋତା ହୋଇପାରେ ନାହିଁ। ଶାସ୍ତ୍ର ଯେଉଁଠାରେ ନୀରବ, ସେଠାରେ ମତ ଚାଲିପାରେ; କିନ୍ତୁ ଯେଉଁଠାରେ ଶାସ୍ତ୍ର ସ୍ପଷ୍ଟ, ସେଠାରେ ମତାମତର ସ୍ଥାନ ନାହିଁ। ରଥଯାତ୍ରା ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ହୁଏ— ମଣିଷର ସୁବିଧାରେ ନୁହେଁ।

### ନିଯୁକ୍ତି ମେଳାରେ...

ତିଆରି କରିବା ଲକ୍ଷ୍ୟରେ ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୨୦୦ ପ୍ରାଥମିକ ବିଦ୍ୟାଳୟର ରୂପ ବଦଳାଇବାକୁ ୧୨ହଜାର କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଦେଢ଼ ବର୍ଷରେ ୩୯,୪୫୯ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ ସରିଛି। ୫ ବର୍ଷରେ ଦେଢ଼ ଲକ୍ଷ ଯୁବକଯୁବତୀଙ୍କୁ ନିଯୁକ୍ତି ଦେବୁ। ସରକାର ଦୁଇ ବର୍ଷ ପୂରଣ ବେଳକୁ ୬୫ ହଜାର ନିଯୁକ୍ତିପତ୍ର ବଣ୍ଟନ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ୨୦୩୬ ବେଳକୁ ଓଡ଼ିଶାରୁ ଅତି କମ୍‌ରେ ୧୦ ଜଣ କ୍ରୀଡ଼ାବିତ୍ ଯେପରି ଅଲମ୍ପିକ୍ସରେ ପଦକ ଜିତିବେ ପିଲାଙ୍କୁ ସେଭଳି ତାଲିମ ଦେବାକୁ ନବନିଯୁକ୍ତ କ୍ରୀଡ଼ା ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ, ଗଣଶିକ୍ଷା ସଚିବ ଏନ୍ ତିରୁମାଲା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### 'ପାଶ୍ଚାତ୍ୟ ସଂସ୍କୃତି ...

କରାଯାଇଛି ଯେ, ୧ ଜାନୁଆରୀ ୨୦୨୬ ଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ପାଇଁ ସାଧାରଣ କାର୍ଯ୍ୟଦିନ ରୂପେ ପାଳିତ ହେବ। ସାଧାରଣ ସୌଜନ୍ୟମୂଳକ ଭେଟଘାଟ ବ୍ୟତୀତ କୌଣସି ପ୍ରକାର ଉତ୍ସବ କିମ୍ବା ଆନନ୍ଦୋତ୍ସବ ଅନୁମତିପ୍ରାପ୍ତ ହେବ ନାହିଁ। ରାଜ୍ୟର ସମସ୍ତ ସରକାରୀ ବିଭାଗ, କାର୍ଯ୍ୟାଳୟ ଓ ସଂସ୍ଥାପ୍ରଧାନମାନଙ୍କୁ ଏହି ନିର୍ଦ୍ଦେଶର କଡ଼ା ପାଳନ ସୁନିଶ୍ଚିତ କରିବାକୁ କୁହାଯାଇଛି, ଯାହାଦ୍ୱାରା ସାଧାରଣ ପ୍ରଶାସନିକ କାର୍ଯ୍ୟ ଅବାଧ ଭାବେ ଚାଲିରହିବ। ରାଜନୈତିକ ଓ ସାମାଜିକ ମହଲରେ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ଓଡ଼ିଆ ଓ ସନାତନ ପରମ୍ପରା ପ୍ରତି ସମ୍ମାନ ଓ ଅଙ୍ଗୀକାରର ଏକ ସ୍ପଷ୍ଟ ସନ୍ଦେଶ ଭାବେ ଦେଖାଯାଉଛି। ଓଡ଼ିଆ ସଂସ୍କୃତିରେ ମହାବିଷୁବ ସଂକ୍ରାନ୍ତି, ଯାହା ପଣା ସଂକ୍ରାନ୍ତି ନାମରେ ପରିଚିତ, ହିଁ ପ୍ରକୃତ ନବବର୍ଷ। ଏହି ଦିନ ଧାର୍ମିକ ନୀତି, ପରମ୍ପରା, କୃଷି ଓ ଲୋକସଂସ୍କୃତି ସହ ଗଭୀର ଭାବେ ଜଡିତ। ଉତ୍କଳୀୟ ନବବର୍ଷ: ଯାହା ଓଡ଼ିଆ ପଞ୍ଜିକା ଅନୁସାରେ ମେଷ ସଂକ୍ରାନ୍ତିରୁ ଆରମ୍ଭ ହୁଏ। କେବଳ ଏକ ତିଥି ନୁହେଁ, ବରଂ ଏହା ଓଡ଼ିଆ ଜୀବନଧାରା, କୃଷି ପରମ୍ପରା, ଲୋକସଂସ୍କୃତି ଓ ଧାର୍ମିକ ଆସ୍ଥାର ସମନ୍ୱୟ। ପୂର୍ବକାଳରେ ଓଡ଼ିଶାର ଘରେଘରେ ଏହି ଦିନଟି ଉତ୍ସାହ ଓ ଭକ୍ତିଭାବରେ ପାଳିତ ହୁଏଥିଲା। ନୂଆ ହଳ ଧରା, ପଣା ସଂକ୍ରାନ୍ତି, ମନ୍ଦିରଦର୍ଶନ, ଗ୍ରାମୀଣ ଲୋକକଳା ଓ ଗୀତ-ନୃତ୍ୟ ଏହି ଦିନର ମୁଖ୍ୟ ଆକର୍ଷଣ ଥିଲା। କିନ୍ତୁ ଦୁଃଖର ବିଷୟ, ଆଜି ସହରୀକରଣ ଓ ପାଶ୍ଚାତ୍ୟ ଜୀବନଶୈଳୀର ପ୍ରଭାବରେ ଏହି ପବିତ୍ର ଉତ୍ସବ ଧୀରେଧୀରେ ପଛକୁ ପଡୁଛି। ଇଂରାଜୀ ନବବର୍ଷକୁ ଆଡମ୍ବରରେ ପାଳନ କରୁଥିବା ଆମେ, ନିଜ ମାଟିର ନବବର୍ଷକୁ ଭୁଲିଯାଉଛୁ— ଏହା ଓଡ଼ିଆ ସମାଜପାଇଁ ଗଭୀର ଚିନ୍ତାର ବିଷୟ ବୋଲି ସଂସ୍କୃତିକର୍ମୀମାନେ ମତପ୍ରକାଶ କରିଛନ୍ତି। ସାହିତ୍ୟିକ ଓ ଇତିହାସବିଦ୍‌ମାନଙ୍କ ମତରେ, ଯେଉଁ ଜାତି ନିଜ ନବବର୍ଷକୁ ସମ୍ମାନ ଦେଇ ପାଳନ କରେ, ସେ ଜାତିର ଭବିଷ୍ୟତ ଦୃଢ଼ ଓ ଆତ୍ମବିଶ୍ୱାସୀ ହୁଏ। ଉତ୍କଳୀୟ ନବବର୍ଷ ଓଡ଼ିଆ ଭାଷା, ଲିପି ଓ ସଂସ୍କୃତିକୁ ଆଗକୁ ନେବାର ଏକ ସୁଯୋଗ। ଏହି ଦିନ ମାତ୍ର ଉତ୍ସବ ପାଳନରେ ସୀମିତ ନ ରହି, ଓଡ଼ିଆ ଭାଷାର ପ୍ରଚାର, ଲୋକସାହିତ୍ୟର ସୁରକ୍ଷା ଓ ଯୁବପିଢ଼ିଙ୍କୁ ନିଜ ଐତିହ୍ୟ ସହ ଯୋଡ଼ିବା ଆବଶ୍ୟକ। ପୁରୀର ଶ୍ରୀମନ୍ଦିର ସହ ଓଡ଼ିଆ ସଂସ୍କୃତିର ଅତୁଟ ସମ୍ପର୍କ ରହିଛି। ମହାପ୍ରଭୁ ଜଗନ୍ନାଥଙ୍କର ନୀଳାଦ୍ରି ବିହାର ଓ ତାଙ୍କ ସଂସ୍କୃତି ହିଁ ଓଡ଼ିଆ ଜାତିର ଆତ୍ମା। "ଜୟ ଜଗନ୍ନାଥ" ଧ୍ୱନି କେବଳ ଏକ ନାରା ନୁହେଁ, ଏହା ଓଡ଼ିଆ ଅସ୍ମିତାର ପରିଚୟ। ଉତ୍କଳୀୟ ନବବର୍ଷ ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି, ପୂଜା ଓ ଭକ୍ତମାନଙ୍କ ଭିଡ଼ ଏହି ସଂସ୍କୃତିକ ଏକତାକୁ ପୁନଃ ପ୍ରମାଣିତ କରେ। ରାଜ୍ୟର ବିଭିନ୍ନ ସ୍ଥାନରେ ସଂସ୍କୃତିକ ସଂଗଠନମାନେ ଉତ୍କଳୀୟ ନବବର୍ଷ ପାଳନ ପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଓଡ଼ିଆ ପୋଷାକ, ଓଡ଼ିଆ ଖାଦ୍ୟ, ଓଡ଼ିଆ ଭାଷାର ବ୍ୟବହାର ଓ ଲୋକକଳାର ପ୍ରଦର୍ଶନ ମାଧ୍ୟମରେ ଲୋକଙ୍କୁ ଆକୃଷ୍ଟ କରାଯାଉଛି। ବିଶେଷକରି ଯୁବପିଢ଼ିଙ୍କୁ ନିଜ ସଂସ୍କୃତି ପ୍ରତି ଗର୍ବବୋଧ ଜାଗ୍ରତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଶିକ୍ଷାବିଦ୍‌ମାନେ ମନେ କରୁଛନ୍ତି ଯେ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରୁ ଉତ୍କଳୀୟ ନବବର୍ଷ, ଓଡ଼ିଆ ପର୍ବପର୍ବାଣୀ ଓ ଲୋକପରମ୍ପରା ବିଷୟରେ ପାଠ୍ୟକ୍ରମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ଆବଶ୍ୟକ। ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କରିବା ପୂର୍ବରୁ ନିଜ ମୂଳକୁ ଚିହ୍ନିପାରିବେ। ସାମାଜିକ ଚିନ୍ତକମାନେ କହୁଛନ୍ତି, ପାଶ୍ଚାତ୍ୟ ସଂସ୍କୃତି ତ୍ୟାଗ କହିଲେ ଆଧୁନିକତାକୁ ବିରୋଧ କରିବା ନୁହେଁ, ବରଂ ଅନ୍ଧାନୁକରଣକୁ ତ୍ୟାଗ କରିବା। ନିଜ ସଂସ୍କୃତିକୁ ଆଧାର କରି ଆଧୁନିକ ଜୀବନଶୈଳୀ ଗଢ଼ିବା ହିଁ ସୁସ୍ଥ ସମାଜର ଲକ୍ଷଣ। ଓଡ଼ିଆ ଭାଷାରେ କଥାବାର୍ତ୍ତା, ଓଡ଼ିଆ ପୋଷାକ ପିନ୍ଧିବା ଓ ନିଜ ପର୍ବପର୍ବାଣୀକୁ ସମ୍ମାନ ଦେବା ମାଧ୍ୟମରେ ଏହା ସମ୍ଭବ। ଉତ୍କଳୀୟ ନବବର୍ଷ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ସ୍ତରରେ ଉତ୍ସବ ପାଳନ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ମଧ୍ୟ ଦାବି ଉଠିଛି। ସଂସ୍କୃତି ବିଭାଗ, ଶିକ୍ଷା ବିଭାଗ ଓ ସୂଚନା-ଜନସମ୍ପର୍କ ବିଭାଗ ସମନ୍ୱୟରେ ଯଦି ଏହାକୁ ରାଜ୍ୟବ୍ୟାପୀ ଆନ୍ଦୋଳନ ରୂପେ ନିଆଯାଏ, ତେବେ ଓଡ଼ିଆ ସଂସ୍କୃତି ପୁନର୍ଜୀବନ ପାଇବ ବୋଲି ମତ ପ୍ରକାଶ ପାଉଛି। ଉତ୍କଳୀୟ ନବବର୍ଷ କେବଳ ଏକ ଦିନର ଉତ୍ସବ ନୁହେଁ; ଏହା ଓଡ଼ିଆ ଜୀବନଧାରାକୁ ପୁନଃ ଆବିଷ୍କାର କରିବାର ଏକ ଅବସର। ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ ତ୍ୟାଗ କରି, ଓଡ଼ିଆ ସଂସ୍କୃତିକୁ ଆପଣାଇ ଉତ୍କଳୀୟ ନବବର୍ଷ ପାଳନ ପାଇଁ ସଂକଳ୍ପବଦ୍ଧ ହେବା ଆଜି ସମୟର ଆହ୍ୱାନ। "ଜୟ ଜଗନ୍ନାଥ" ଧ୍ୱନି ସହ ଏହି ସଂକଳ୍ପ ଯଦି ଘରେଘରେ ପହଞ୍ଚେ, ତେବେ ଓଡ଼ିଆ ଅସ୍ମିତା ନିଶ୍ଚୟ ଆଉ ମଜବୁତ ହେବ। ସଂସ୍କୃତିକର୍ମୀମାନେ ମତ ପ୍ରକାଶ କରିଛନ୍ତି ଯେ, ପାଶ୍ଚାତ୍ୟ ସଂସ୍କୃତିକୁ ସମ୍ପୂର୍ଣ୍ଣ ତ୍ୟାଗ କହିଲେ ଆଧୁନିକତାକୁ ବିରୋଧ କରିବା ନୁହେଁ; ବରଂ ଅନ୍ଧାନୁକରଣକୁ ରୋକି ନିଜ ମୂଳ ଓ ଅସ୍ମିତାକୁ ଆଗରେ ରଖିବା। ଉତ୍କଳୀୟ ନବବର୍ଷକୁ ସାର୍ବଜନୀନ ଭାବେ ପାଳନ କରିବା, ଓଡ଼ିଆ ଭାଷା, ପୋଷାକ ଓ ପରମ୍ପରାକୁ ଆପଣାଇବା ଆଜି ସମୟର ଆହ୍ୱାନ ବୋଲି ସେମାନେ କହିଛନ୍ତି। ଶ୍ରୀମନ୍ଦିରର ମର୍ଯ୍ୟାଦା, ସନାତନ ଧର୍ମର ନୀତି ଓ ଓଡ଼ିଆ ଅସ୍ମିତାକୁ ରକ୍ଷା କରିବା ପାଇଁ ଏବେ ସଚେତନ ଓ ସଂଗଠିତ ପ୍ରୟାସ ଆବଶ୍ୟକ। ପାଶ୍ଚାତ୍ୟ ସଂସ୍କୃତିର ଅନ୍ଧାନୁକରଣ ତ୍ୟାଗ କରି, ଉତ୍କଳୀୟ ନବବର୍ଷକୁ ନିଜର ନବବର୍ଷ ଭାବେ ଗ୍ରହଣ କରିବା ହିଁ ଓଡ଼ିଆ ସମାଜର ଆଗାମୀ ପଥ— ଏହି ବାର୍ତ୍ତା ଆଜି ସ୍ପଷ୍ଟ ଭାବେ ଉଚ୍ଚାରିତ ହେଉଛି।

# ରାମଚଣ୍ଡୀରେ 'ଓଡ଼ିଶା ୱାଟରମ୍ୟାନସିପ୍ ଏବଂ ଲାଇଫଗାର୍ଡ ପ୍ରତିଷ୍ଠାନ' ଉଦ୍‌ଘାଟିତ



**ପୁରୀ:** ଓଡ଼ିଶାର ଉପକୂଳ ସୁରକ୍ଷା, ଜଳ ଦକ୍ଷତା (ୱାଟରମ୍ୟାନସିପ୍) ଏବଂ ଜରୁରୀକାଳୀନ ପ୍ରତିକ୍ରିୟା କ୍ଷମତାକୁ ସୁଦୃଢ଼ କରିବା ପାଇଁ କୋଣାର୍କ ନିକଟସ୍ଥ ରାମଚଣ୍ଡୀଠାରେ ଓଡ଼ିଶା ୱାଟରମ୍ୟାନସିପ୍ ଏବଂ ଲାଇଫଗାର୍ଡ ପ୍ରତିଷ୍ଠାନ (ଓସ୍ୱାଲି) ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟରେ ଉନ୍ନତ ଅଣ୍ଡରୱାଟର ଉଦ୍ଧାର ତାଲିମକୁ ବ୍ୟାପକ କରିବା ପାଇଁ ପରିକଳ୍ପିତ ଅତ୍ୟାଧୁନିକ ସ୍କୁବା କମ୍ପ୍ଲେକ୍ସର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଓଡ଼ିଶା ପର୍ଯ୍ୟଟନ ବିଭାଗ, ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ମୁଖ୍ୟମନ୍ତ୍ରୀ କହିଲେ, ଜଳ ସୁରକ୍ଷା, ଲାଇଫ୍ ଗାର୍ଡ ତାଲିମ ଏବଂ ଉପକୂଳବର୍ତ୍ତୀ ସହନଶୀଳତା ପାଇଁ 'ଓସ୍ୱାଲି' ପ୍ରତିଷ୍ଠାନ ଏକ ଉତ୍ସର୍ଗୀକୃତ ଜାତୀୟ ତଥା ଅନ୍ତର୍ଜାତୀୟ କେନ୍ଦ୍ର ଭାବରେ ଉଭା ହେବ। ରାଜ୍ୟ ସରକାର ଅଗ୍ନିଶମ ସେବାକୁ ସୁଦୃଢ଼ କରିବା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାରେ ଉନ୍ନତି ଆଣିବା ଏବଂ ଅଧିକାରୀ ତଥା ଯୁବକମାନଙ୍କ ପାଇଁ ତାଲିମ ସୁଯୋଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ। ଆଜି ଏଠାରେ ଯେଉଁ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ ହୋଇଛି ତାହା ଦେଶର ଅଗ୍ନିଶମ ବାହିନୀ, କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ, ଏନ୍‌ଡିଆର୍‌ଏଫ୍ ଓ ବିଭିନ୍ନ ରାଜ୍ୟରେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାମରେ ନିଯୁକ୍ତ ପୁଲିସ, ଗୃହରକ୍ଷୀ ଓ ସ୍ୱେଚ୍ଛାସେବୀମାନଙ୍କୁ

### ଉପକୂଳ ଅଞ୍ଚଳରେ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ 'ଓସ୍ୱାଲି' ଏକ ଆନ୍ତର୍ଜାତୀୟ କେନ୍ଦ୍ର ଭାବରେ ଉଭା ହେବ: ମୁଖ୍ୟମନ୍ତ୍ରୀ

ପ୍ରଶିକ୍ଷଣ ଦେବ। ନୌସେନା ବାହାରେ, ଏ କ୍ଷେତ୍ରରେ ଏହା ଦେଶର ପ୍ରଥମ ପ୍ରତିଷ୍ଠାନ। ୧୨ କୋଟି ଟଙ୍କା ଖର୍ଚ୍ଚରେ ଏହି 'ସନ୍ତରଣ ଶିକ୍ଷା ଓ ଲାଇଫ୍ ଗାର୍ଡ' ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଚଳିତ ବଜେଟରେ ବୁଡ଼ାଳି ପ୍ରଶିକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଆଉ ଅଧିକ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମାଧ୍ୟମରେ ଆଜି ଏହି ବୁଡ଼ାଳି ପ୍ରଶିକ୍ଷଣ କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ଦିଆଗଲା।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସାଂସଦ ବିଭୁପ୍ରସାଦ ତରାଇ, ବିଧାୟକ ଆଶ୍ରିତ ପଟ୍ଟନାୟକ, ଓମ୍‌ପ୍ରକାଶ ମିଶ୍ର, ସୁନୀଲ କୁମାର ମହାନ୍ତି, ତୁଷାରକାନ୍ତି ବେହେରା, ବିଧାୟିକା ଉପାସନା ମହାପାତ୍ର, ପର୍ଯ୍ୟଟନ ସଚିବ ବଳବନ୍ତ ସିଂହ, ପୁଲିସ ଡିଆଇଜି ଉମାଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୁଲିସ ହାଉସିଂ କର୍ପୋରେସନ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଧନ୍ୟବାଦ ଦେଇଥିଲେ।

# ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ 'ଶ୍ରୀକଳା ନୃତ୍ୟ ଉତ୍ସବ'



ପୁରୀ: ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ 'ଶ୍ରୀକଳା ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡିଶୀ ନୃତ୍ୟ ଏବଂ ଓଡିଶୀ ସଙ୍ଗୀତ ଆବାହମାନ କାଳରୁ ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ରୂପେ ସମଗ୍ର ବିଶ୍ୱରେ ପରିଚିତ । ତେଣୁ ଏହାର ପ୍ରଚାର ଓ ପ୍ରସାର, ସୁରକ୍ଷା ଏବଂ ଉତ୍ତର ପିଢିଙ୍କ ହାତରେ ସୁରକ୍ଷିତ ଭାବରେ ହସ୍ତାନ୍ତର ଦିଗରେ ଆମେ ସମସ୍ତେ ମିଳିତ ପ୍ରୟାସ କରିବା ଆବଶ୍ୟକ ବୋଲି କହିଥିଲେ।

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଚିତ୍ତାକର୍ଷକ ଓଡିଶୀ ନୃତ୍ୟ ପରିବେଷଣ କରି ଅନେକ ପ୍ରଶଂସାର ଅଧିକାରିଣୀ ହୋଇଥିବା ବିଶିଷ୍ଟ ନୃତ୍ୟାଙ୍ଗନା ତଥା ଶ୍ରୀକଳା ନିକେତନର ସମ୍ପାଦିକା ଆଦରଣୀୟା ଭଉଣୀ ରୋଜାଲିନ ମହାନ୍ତି ବିଗତ ବାରବର୍ଷ ଧରି ଓଡିଶୀ, ମାହାରୀ ଓ ଗୋଟିପୁଅ ପରି ଅନେକ ନୃତ୍ୟ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେବା ସହ ସେମାନଙ୍କୁ ପ୍ରତିଷ୍ଠିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ତାଙ୍କର ଏହି କଳା ବିକାଶ ଏବଂ ନୃତ୍ୟଶିଳ୍ପୀ ନିର୍ମାଣ ରୂପୀ ଦୂରଦର୍ଶୀ ଉଦ୍ୟମ ନିମନ୍ତେ ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଏବଂ ଅନୁଷ୍ଠାନର ସମୃଦ୍ଧ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନୃତ୍ୟ ଶିକ୍ଷା କରୁଥିବା ଛାତ୍ରଛାତ୍ରୀମାନଙ୍କ ମାଆମାନଙ୍କୁ ଗତ ଏକ ମାସ ମଧ୍ୟରେ ଭଉଣୀ ରୋଜାଲିନ ଖୁବ୍ ସୁନ୍ଦର ନୃତ୍ୟଶିକ୍ଷା ଦେଇ ସେମାନଙ୍କୁ ଏହି ମଞ୍ଚରେ ନୃତ୍ୟ ପରିବେଷଣ ନିମନ୍ତେ ଉତ୍ସାହିତ କରିବା ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା । ଗୁଣ୍ଡିଚାବିହାର ଠାରେ ଶ୍ରୀକଳା ନିକେତନର ନୂତନ ଗୃହ ଉଦଘାଟନ କରିବା ସହ ଅନୁଷ୍ଠାନର ନୃତ୍ୟଶିଳ୍ପୀଙ୍କ ସହ ଆଲୋଚନା କରି ମୁଁ ଅତ୍ୟନ୍ତ ଆନନ୍ଦିତ ହେଲି ।

# ପୁରୀ ପୋଲିସ ଦ୍ୱାରା ରକ୍ତଦାନ ଶିବିର



ପୁରୀ: ସମୁଦ୍ରକୂଳ ଥାନା ଆୟୋଜନରେ ସଦଭାବନା ଗୃହରେ ଏକ ମହାନ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ପୁରୀ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରତୀକ ସିଂଙ୍କ କରମଳରେ ଉଦଘାଟନ ହୋଇଥିଲା। ଶିବିର ସମୟରେ ସାଧାରଣ ଜନତା, ପୋଲିସ କର୍ମଚାରୀ, ସାମାଜିକ ସଂଗଠନ ଓ ସ୍ୱଇଚ୍ଛିକ ରକ୍ତଦାତାମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ଏହି ଶିବିରରେ ମୋଟ ୧୦୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉଦଘାଟନ ସମୟରେ ଏସ୍‌ପି ପୁରୀ ଶ୍ରୀ ପ୍ରତୀକ ସିଂହ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ରକ୍ତଦାନ ମହାଦାନ ଅଟେ ଏବଂ ଏହା ଦ୍ୱାରା ଅନେକ ମୂଲ୍ୟବାନ ଜୀବନକୁ ବଞ୍ଚାଇ ହେବ। ପୋଲିସ କେବଳ ଆଇନ ଓ ଶୃଙ୍ଖଳା ରକ୍ଷାରେ ସୀମିତ ନୁହେଁ, ସାମାଜିକ ଦାୟିତ୍ୱ ପାଳନ ଓ ମାନବିକ ସେବାରେ ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛି ବୋଲି ସେ ଜଣାଇଥିଲେ। ଭବିଷ୍ୟତରେ ଏପରି ସାମାଜିକ ଓ ସ୍ୱାସ୍ଥ୍ୟମୂଳକ କାର୍ଯ୍ୟକ୍ରମ ଆହୁରି ବେଶି ପରିମାଣରେ ଆୟୋଜନ କରାଯିବ ବୋଲି ଜଣାଇଥିଲେ। ଏହି ଅବସରରେ ଡିଏସ୍‌ପି ସିଟି ଶ୍ରୀ ପ୍ରଶାନ୍ତ ସାହୁ, ଟ୍ରାଫିକ୍ ଆଇଆଇସି ଶ୍ରୀ ଜୟଦୀପ ମହାନ୍ତି, ଟାଉନ୍ ଥାନା ଆଇଆଇସି ଶ୍ରୀ ଗୋକୁଳ ରଞ୍ଜନ ଦାସ, ସିବିଚ୍ ଥାନା ଆଇଆଇସି ଶ୍ରୀ ମାନସ ଚକ୍ର, ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତପଦ୍ମା ଦାଶ, ବାଳିଆପଣ୍ଡା ଥାନା ଆଇଆଇସି ଶ୍ରୀମତୀ ସଂଗୀତା ଦାଶ ଓ ତାଳବଣିଆ ଥାନା ଆଇଆଇସି ଶ୍ରୀମତୀ ଗୀତାଞ୍ଜଳି ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ଓ ସୁଚାରୁ ଭାବେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ରକ୍ତଦାନ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ସ୍ୱଇଚ୍ଛିକ ରକ୍ତଦାତା, ସହଯୋଗୀ ସଂଗଠନ ଓ ଚିକିତ୍ସକ ଦଳଙ୍କୁ ପୁରୀ ପୋଲିସ ପକ୍ଷରୁ ମାନପତ୍ର ଦିଆଯାଇଥିଲା। ପୁରୀ ପୋଲିସ ସଦା ସମାଜ ସେବା, ମାନବିକତା ଓ ଜନହିତକାରୀ କାର୍ଯ୍ୟକ୍ରମ ପ୍ରତି ପ୍ରତିବଦ୍ଧ ରହିବ ବୋଲି ଏହି ଅବସରରେ ପୁନର୍ବାର ଅଙ୍ଗୀକାର କରାଯାଇଛି।

# ଚାଖି ଖୁଣ୍ଟିଆଙ୍କ ୨୦୪ ତମ ଜୟନ୍ତୀ ପାଳିତ



**ପୁରୀ:** ଦେଶର ସୁରକ୍ଷା ଓ ଗୌରବ ପାଇଁ ବିପ୍ଳବୀ ଚାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀଙ୍କର ଅବଦାନ ଅତୁଳନୀୟ। ସେ ଏପରି ଜଣେ ବୀର ଯିଏ ଦେଶ ମାତୃକାର ସେବା ସହ ମହାପ୍ରଭୁଙ୍କ ସେବାରେ ମଧ୍ୟ ସମର୍ପିତ ଥିଲେ ବୋଲି କହିଛନ୍ତି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା। ସଦଭାବନା ସଭାଗୃହଠାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ମିଳିତ ସହଯୋଗରେ ଚାଖି ଖୁଣ୍ଟିଆଙ୍କର ୨୦୪ ତମ ଜୟନ୍ତୀ ପାଳିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ମହାପୁରୁଷ ମାନଙ୍କର ସେବା ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଗାମୀ ପିଢ଼ିକୁ ଅବଗତ କରାଯିବା ଉଚିତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପିକେଡିଏ ସଚିବ ଦିଲ୍ଲୀପ କୁମାର ମହାରଣା ଚାଖି ଖୁଣ୍ଟିଆଙ୍କ ତ୍ୟାଗ ଓ ବୀରତ୍ୱର କଥା କାଳ କାଳକୁ ପ୍ରତିଟି ଓଡ଼ିଆଙ୍କୁ ଉଦବୁଦ୍ଧ କରିବ ବୋଲି କହିବା ସହ ଆମ ମହାନ ପରମ୍ପରା ଓ ଗୌରବକୁ ଆଗକୁ ନେବାକୁ ଶପଥ ନେବାକୁ ମତ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ପ୍ରଫେସର ଅସିତ କୁମାର ମହାନ୍ତି ଚାଖି ଖୁଣ୍ଟିଆଙ୍କ ଜନ୍ମ, ନାମର ସାର୍ଥକତା, କର୍ମ,ସଂଗ୍ରାମ, ଦେଶପ୍ରେମ, ଆଧ୍ୟାତ୍ମିକତା, ଚାଖିଙ୍କ ଦ୍ୱାରା ରଚିତ ଜଗନ୍ନାଥ ଜଣାଣ ଭଜନ ସମ୍ପର୍କରେ ବିଷଦ ଆଲୋକପାତ କରିଥିଲେ। ଚାଖି ଖୁଣ୍ଟିଆ ଓ ଜୟୀ ରାଜଗୁରୁଙ୍କ ପରି ପ୍ରଥମ ଓ ପ୍ରଧାନ ସଂଗ୍ରାମୀମାନଙ୍କ ସମ୍ପର୍କରେ ଅଧିକ ପ୍ରାମାଣିକ ତଥ୍ୟ ଆଧାରିତ ଗବେଷଣା ଜରୁରୀ ବୋଲି ସେ କହିବା ସହ ଯୁବ ପିଢି ଏହା ଉପରେ ଅଧିକ ମନୋନିବେଶ ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚାଖିଙ୍କ ଦାୟାଦ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ, ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ତଥା ଉତ୍ସବର ସଭାପତି ମାୟାଧର ମହାରଣା ଚାଖିଙ୍କ ଜୀବନୀ ଓ କାର୍ଯ୍ୟ ଧାରା ସମ୍ପର୍କରେ ଆଲୋଚନା କରି ତାଙ୍କ ପରି ଦୁର୍ଦ୍ଧର୍ଷ ସଂଗ୍ରାମୀ ପୁରୀ ମାଟିରେ ଜନ୍ମ ନେବା ଅତ୍ୟନ୍ତ ଗୌରବର କଥା। ତାଙ୍କରି ଭଳି ସାହସୀ ଓ ଦେଶ ପ୍ରେମୀ ହେବାକୁ ସେମାନେ ଅନୁରୋଧ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିବା ସହ ସମସ୍ତଙ୍କୁ ସ୍ୱାଗତ, ଅତିଥି ପରିଚୟ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଚାଖି ଖୁଣ୍ଟିଆ ସ୍ମୃତି ସମିତି ସମ୍ପାଦକ ଧୃବ ଚରଣ କର ସମସ୍ତଙ୍କୁ ସ୍ୱାଗତ କରିଥିଲେ।



ପୁରୀ ଭାଜପା ଦ୍ୱାରା ଆୟୋଜିତ 'ଭାରତ ରତ୍ନ' ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଜୀଙ୍କ ୧୦୧ତମ ଜୟନ୍ତୀ ତଥା ସୁଶାସନ ଦିବସ ଅବସରରେ ପୁରୀ ଟାଉନ ହଲ ଠାରେ ପୁରୀ ସାଂସଦ ସମ୍ବିତ ପାତ୍ର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଜିଲ୍ଲା ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରେଇ, ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ ଓ କୃଷ୍ଣ ଚନ୍ଦ୍ର ସାମନ୍ତରାୟ ସାମିଲ ହୋଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**୨୫ତମ ନିମାପଡ଼ା ମହୋତ୍ସବ ଉଦଯାପିତ**

# ମନ ମୋହିଲା ଅଭିଜିତ ଭଟ୍ଟାଚାର୍ଯ୍ୟଙ୍କ ଗୀତ, ମତୁଆଲା ହେଲେ ହଜାର ହଜାର ଦର୍ଶକ...

**ପୁରୀ:** ତିନି ଦିନ ବ୍ୟାପୀ ଆରମ୍ଭ ହୋଇଥିବା ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସହଯୋଗରେ ନିମାପଡ଼ା ମୁକ୍ତାକାଶ ମଞ୍ଚ ଠାରେ ନିମାପଡ଼ା ହେଲ୍ପ ଲାଇନ ଓ ବ୍ଲକ କଳାକାର ସଂଘ ଦ୍ୱାରା ତିନି ଦିନ ବ୍ୟାପୀ ଆରମ୍ଭ ହୋଇଥିବା ୨୫ତମ ନିମାପଡ଼ା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଉଦଯାପନ ଉତ୍ସବରେ ମହୋତ୍ସବ କମିଟି ସଭାପତି ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଏବଂ ସମ୍ମାନିତ ଅତିଥି ରୂପେ ପୁରୀ ସାଂସଦ ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ, ପୁରୀ ଜିଲ୍ଲା ଆରକ୍ଷୀ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଡଃ ମୋନୋଜ କୁମାର ପ୍ରଧାନ,ନିମାପଡା ବିଡ଼ିଓ ଡ଼କ୍ଟର ଅଭିଜିତ ଷଡ଼ଙ୍ଗୀ, ସମାଜସେବୀ ସ୍ୟାମସୁନ୍ଦର ନାୟକ,ହେଲ୍ପ ଲାଇନ ସଭାପତି ଅକ୍ଷୟ କୁମାର ସାହୁ ,ସମ୍ପାଦକ ନିଗମାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ । ଚଳିତ ବର୍ଷ ନିମାପଡ଼ା ମହୋତ୍ସବର ରୌପ୍ୟ ଜୟନ୍ତୀ ଅବସରରେ ତୃତୀୟ ସନ୍ଧ୍ୟାରେ ନିମାପଡ଼ାର ବାରବାଟି ପଡ଼ିଆରେ



ଓଲିଉଡ଼ ଓ ବଲିଉଡ଼ ନାଇଟ୍ସ ହୋଇଥିବା ବେଳେ ଅଭିଜିତ ଭଟ୍ଟାଚାର୍ଯ୍ୟଙ୍କ ଗୀତରେ ନିମାପଡ଼ା ଅଞ୍ଚଳବାସୀ ଝୁମିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ,ସମାଜସେବା, କ୍ରୀଡା ଆଦି ବିଭିନ୍ନ କ୍ଷେତ୍ରରେ ସଫଳ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ନିମାପଡ଼ା ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଲୋକମାନେ ଆସିଥିଲେ। ଅଧିକ୍ଷକ ପ୍ରତୀକ ସିଂ ଯୋଗଦେଇ ଥିଲେ।

# ସରିଲା ନୂଆବର୍ଷ: ଜଗନ୍ନାଥ ଦର୍ଶନ ପାଇଁ ପୁରୀବାସୀଙ୍କ ସରକାରୀ ଘୋଷଣାକୁ ଅପେକ୍ଷା

ପୁରୀ: ପୁରୀ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଟାଉନହଲଠାରେ ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଉପରେ ମୁଖ୍ୟମନ୍ତ୍ରୀଙ୍କ ସକରାତ୍ମକ ଘୋଷଣା ପରେ, ଆଜି ଅଭିଯାନ ମଞ୍ଚର ପ୍ରତିନିଧିଙ୍କ ସହ ଆଇନମନ୍ତ୍ରୀଙ୍କ ସରକାରୀ ବାସଭବନରେ ମିଳିତ ଆଲୋଚନା କରିଛନ୍ତି ଆଇନମନ୍ତ୍ରୀ ପୃଥିବୀରାଜ



ହରିଚନ୍ଦନ, ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ। ପୁରୀ ର ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଅଭିଯାନ ମଞ୍ଚ ପକ୍ଷରୁ ଡକ୍ଟର ବଦ୍ରି ମିଶ୍ର, ଚକ୍ରଧର ମହାପାତ୍ର, ମଧୁସୂଦନ ମିଶ୍ର, ମନୋଜ ରଥ, ରାଜେଶ କୁମାର ମହାନ୍ତି, ହେକ୍ଟର ମିଶ୍ର, ଡକ୍ଟର ବିଶ୍ୱନାଥ ମିଶ୍ର, ଭବାନୀ ଶଙ୍କର ସାହୁ, ଶ୍ୟାମାପ୍ରସାଦ ମିଶ୍ର,ଶ୍ୟାମ ପ୍ରକାଶ ସେନାପତି, ଶିବ ସୁନ୍ଦର ମିଶ୍ର ପ୍ରମୁଖ ଏହି ଆଲୋଚନା ରେ ଭାଗ ନେଇଥିଲେ। ଏଥିରେ ଠାକୁରଙ୍କ ଦର୍ଶନ ପାଇଁ ଦୁଇଲକ୍ଷ ରୁ ଅଧିକ ପୁରୀବାସୀଙ୍କ ଦର୍ଶନ ପାଇଁ ଆକୁଳ ନିବେଦନ, ବାରମ୍ବାର ମହାପ୍ରସାଦ ଓ ଶୁଖିଲି ମାହାର୍ଦ କିଣା, ନିର୍ବନ୍ଧ, ଲକ୍ଷ୍ମୀ ପୂଜା,ଶୀତଳା ଓ ସତ୍ୟନାରାୟଣ ପୂଜା ପାଇଁ ପୁରୀ ବାସୀଙ୍କ ସମସ୍ୟା ଉପରେ



ଗଠନମୂଳକ ଓ ସକରାତ୍ମକ ଆଲୋଚନା ହୋଇଥିଲା। ଆଇନମନ୍ତ୍ରୀ କହିଥିଲେ ଯେ ପୁରୀବାସୀଙ୍କ ସହଜ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଖୁବ୍ ଶୀଘ୍ର ବୋଲି ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ଘୋଷଣା କରିସାରିଛନ୍ତି। ତେବେ ପୁରୀବାସୀମାନେ କିପରି ସୁବିଧାରେ ପ୍ରବେଶ କରିବେ ଓ ଦର୍ଶନ କରିବେ,ସେନେଇ ଖୁବଶୀଘ୍ର ଆଉଥରେ ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ସହ ବିଷଦ ଆଲୋଚନା ହେବ ଏବଂ ନୂଆ ବର୍ଷ ଉପଲକ୍ଷେ ଲକ୍ଷଲକ୍ଷ ଭକ୍ତ -ପର୍ଯ୍ୟଟକ ପୁରୀ ଆସୁଥିବାରୁ,ନୂଆବର୍ଷ ପ୍ରବେଶ ସହ ପୁରୀବାସୀଙ୍କ ସହଜ ପ୍ରବେଶ ଉପରେ ନିଷ୍ପତ୍ତି ଘୋଷଣା ହେବ।ସେ କହିଥିଲେ ଯେ ପୁରୀବାସୀଙ୍କ ସହ ସରକାର ସବୁବେଳେ ରହିଛନ୍ତି ଓ ରହିବେ।

ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସରକାର, ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ବିଶେଷକରି ଆଇନମନ୍ତ୍ରୀ, ପୁରୀବାସୀଙ୍କ ହୃଦୟର ଦୁଃଖ ହୃଦୟଙ୍ଗମ କରିଥିବାରୁ ଅଭିଯାନ ମଞ୍ଚ ପକ୍ଷରୁ ସେମାନଙ୍କ ଠାରେ କୃତଜ୍ଞତା ଜ୍ଞାପନ କରାଯାଇଛି।




# ଆସାମ ବିକାଶର ଏକ ନୂତନ ଗତିକୁ ଗ୍ରହଣ କରିଛି: ପ୍ରଧାନମନ୍ତ୍ରୀ



**ଡିବ୍ରୁଗଡ଼:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସାମର ଡିବ୍ରୁଗଡ଼ର ନାମରୂପଠାରେ ଆସାମ ଭ୍ୟାଲି ଫର୍ଟିଲାଇଜର ଆଣ୍ଡ କେମିକାଲ କମ୍ପାନୀ ଲିମିଟେଡର ଆମୋନିଆ-ୟୁରିଆ ସାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଜନସଭାକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଥିଲେ ଯେ ଏହା ଚାଓଲଙ୍ଗ ସୁଖପା ଏବଂ ମହାବୀର ଲାଚିତ ବୋରଫୁକାନଙ୍କ ଭଳି ମହାନ ବୀରମାନଙ୍କ ଭୂମି।

ଶ୍ରୀ ମୋଦୀ କହିଥିଲେ ଯେ ସେ ଦେଖୁଛନ୍ତି ଯେ, ଆଗକୁ ବହୁ ସଂଖ୍ୟାରେ ଲୋକମାନେ ଏକାଠି ହୋଇ ସେମାନଙ୍କ ଭଲପାଇବାକୁ ବଢ଼ାଉଛନ୍ତି । ସେ ବିଶେଷ କରି ମାଆ ଏବଂ ଭଉଣୀମାନଙ୍କ ଉପସ୍ଥିତି ଉପରେ ଆଲୋକପାତ କରି କହିଥିଲେ ଯେ ସେମାନେ ଆଣିଥିବା ପ୍ରେମ ଏବଂ ଆଶୀର୍ବାଦ ଅସାଧାରଣ ଥିଲା। ସେ କହିଥିଲେ ଯେ ଅନେକ ଭଉଣୀ ଆସାମର ଚା' ବଗିଚାର ସୁଗନ୍ଧ ନେଇ ଆସିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ସୁଗନ୍ଧ ଆସାମ ସହିତ ତାଙ୍କର ସମ୍ପର୍କରେ ଏକ ଅନନ୍ୟ ଅନୁଭବ ସୃଷ୍ଟି କରିଥାଏ। ସେ ଉପସ୍ଥିତ ସମସ୍ତଙ୍କୁ ପ୍ରଣାମ କରିଥିଲେ ଏବଂ ସେମାନଙ୍କ ସ୍ନେହ ଓ ଭଲପାଇବା ପାଇଁ କୃତଜ୍ଞତା ବ୍ୟକ୍ତ କରିଥିଲେ। ଆସାମ ଏବଂ ସମଗ୍ର ଉତ୍ତର-ପୂର୍ବ ପାଇଁ ଏକ ଐତିହାସିକ ଦିନ ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ଯେ, ଏହି ଅଞ୍ଚଳରେ ଶିଳ୍ପ ପ୍ରଗତିର ଏକ ନୂତନ ଅଧ୍ୟାୟ ଆରମ୍ଭ ହେବା ସହିତ ନାମରୂପ ଏବଂ ଡିବ୍ରୁଗଡ଼ର ବହୁ ପ୍ରତୀକ୍ଷିତ ସ୍ୱପ୍ନ ପୂରଣ ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ କିଛି ସମୟ ପୂର୍ବରୁ ସେ ଆମୋନିଆ-ୟୁରିଆ ସାର କାରଖାନାର ଭୂମି ପୂଜନ କରିଥିଲେ ଏବଂ ଡିବ୍ରୁଗଡ଼ରେ ପହଞ୍ଚିବା ପୂର୍ବରୁ ଗୌହାଟୀ ବିମାନ ବନ୍ଦରରେ ନୂତନ ଟର୍ମିନାଲର ଉଦଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ସମସ୍ତେ କହୁଛନ୍ତି ଯେ ଆସାମ ଏବେ ବିକାଶର ଏକ ନୂତନ ଗତି ହାସଲ କରିଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଆଜି ଯାହା ଦେଖିବାକୁ ମିଳୁଛି ତାହା କେବଳ ଆରମ୍ଭ ମାତ୍ର ଏବଂ ଆସାମକୁ ଆହୁରି ଆଗକୁ ନେବାକୁ ହେବ। ସେ ଅହୋମ ରାଜବଂଶ ସମୟରେ ଆସାମର ଶକ୍ତି ଏବଂ ଭୂମିକାକୁ ସ୍ମରଣ କରିଥିଲେ ଏବଂ ଏକ ବିକଶିତ ଭାରତରେ ଆସାମ ସମାନ ଭାବରେ ଶକ୍ତିଶାଳୀ ଭୂମିକା ଗ୍ରହଣ କରିବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ ନୂତନ ଶିଳ୍ପର ଆରମ୍ଭ, ଆଧୁନିକ ଭିତ୍ତିଭୂମି ନିର୍ମାଣ, ସେମିକଣ୍ଡକ୍ଟର ଉତ୍ପାଦନ, କୃଷି କ୍ଷେତ୍ରରେ ନୂତନ ସୁଯୋଗ, ଚା' ବଗିଚା ଏବଂ ସେମାନଙ୍କ ଶ୍ରମିକଙ୍କ ଅଗ୍ରଗତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବୃଦ୍ଧି ପାଉଥିବା ସମ୍ଭାବନା ଉପରେ ଆଲୋକପାତ କରି କହିଛନ୍ତି ଯେ ଆସାମ ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତି କରୁଛି। ଶ୍ରୀ ମୋଦୀ ଆଧୁନିକ ସାର କାରଖାନାକୁ ଶୁଭେଚ୍ଛା ଜଣାଇବା ସହ ଗୌହାଟୀ ବିମାନ ବନ୍ଦରରେ ନୂତନ ଟର୍ମିନାଲ ନିର୍ମାଣ ପାଇଁ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ କେନ୍ଦ୍ର ଏବଂ ରାଜ୍ୟରେ ସେମାନଙ୍କ ସରକାର ଅଧୀନରେ ଶିଳ୍ପ ଓ ସଂଯୋଗୀକରଣର ସମନ୍ୱୟ ଆସାମର ସ୍ୱପ୍ନକୁ ପୂରଣ କରି ଯୁବକମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଉଛି।

ଆସାମର ରାଜ୍ୟପାଳ ଶ୍ରୀ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ, ଆସାମର ମୁଖ୍ୟମନ୍ତ୍ରୀ ଶ୍ରୀ ହେମନ୍ତ ବିଶ୍ୱ ଶର୍ମା, କେନ୍ଦ୍ର ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବୁଡ଼ାଜାହାଜରେ ଯାତ୍ରା କଲେ ରାଷ୍ଟ୍ରପତି

**କରୱାର:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ପଶ୍ଚିମ ସମୁଦ୍ରକୂଳରେ ଭାରତୀୟ ନୌସେନାର ଆଗଧାଡ଼ିର ବୁଡ଼ାଜାହାଜ ଆଇଏନ୍ଏସ୍ ବାଘଶୀରରେ ଯାତ୍ରା କରିଛନ୍ତି। ବୁଡ଼ାଜାହାଜରେ ଯାତ୍ରା କରିବାରେ ମୁର୍ମୁ ଦ୍ୱିତୀୟ ରାଷ୍ଟ୍ରପତି। ଏହାପୂର୍ବରୁ ଫେବୃଆରି ୨୦୦୬ରେ ତତ୍କାଳୀନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ ବୁଡ଼ାଜାହାଜରେ ଯାତ୍ରା କରିଥିଲେ। କର୍ଣ୍ଣାଟକର କରୱାର ନୌସେନା ଘାଟିରୁ କଲଭାରୀ ଶ୍ରେଣୀର ବୁଡ଼ାଜାହାଜରେ ଯାତ୍ରା ସମୟରେ ରାଷ୍ଟ୍ରପତି ମୁର୍ମୁଙ୍କ ସହିତ ନୌସେନା ମୁଖ୍ୟ ଆଡମିରାଲ୍ ଦିନେଶ କେ ତ୍ରିପାଠୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଥିଲେ। ରାଷ୍ଟ୍ରପତି କରୱାର ନୌସେନା ଘାଟିରେ ଭାରତୀୟ ନୌସେନାର ସ୍ୱଦେଶୀ ଅତ୍ୟାଧୁନିକ ବୁଡ଼ାଜାହାଜରେ ଯାତ୍ରା କରିଥିବା ସଂକ୍ରାନ୍ତ ଐତିହାସିକ ମୁହୂର୍ତ୍ତ ସଂପର୍କରେ ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସୂଚନା ଦିଆଯାଇଛି।



# ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ୨୫ ଲକ୍ଷ ନିଯୁକ୍ତି ସୃଷ୍ଟି କରିଛି ଭାରତ



**ନୂଆଦିଲ୍ଲୀ:** ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ବିଶ୍ୱର ହବ୍‌ରେ ପରିଣତ ହେବା ଦିଗରେ ଭାରତ ଆଗକୁ ବଢ଼ୁଛି। ମେକ୍ ଇନ୍ ଇଣ୍ଡିଆ ଏବଂ ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ (ପିଏଲ୍ଆଇ) ଯୋଜନା ଏ କ୍ଷେତ୍ରରେ ବିଶେଷ ସହାୟକ ହୋଇଛି ବୋଲି କେନ୍ଦ୍ର ରେଳ, ସୂଚନା ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୃଢ଼ୋକ୍ତି ବାଢ଼ିଛନ୍ତି। ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ କେବଳ ଭାରତ ଆଗକୁ ବଢ଼ୁନାହିଁ ନୂଆ ନିବେଶ ଆକୃଷ୍ଟ କରିବା ସହ ନୂଆ ନିଯୁକ୍ତି ମଧ୍ୟ ସୃଷ୍ଟି କରୁଛି। ଫିନିସଡ୍ ପ୍ରଡକ୍ଟ ଆସେମ୍ବଲି କରୁଥିବା ଭାରତ ଇଲେକ୍ଟ୍ରୋନିକ୍ସ ଉପକରଣ ନିର୍ମାଣ ଯୋଜନା (ଇସିଏମ୍ଏସ୍) ଜରିଆରେ ଏକ ଦୃଢ଼ ଉପକରଣ ଉତ୍ପାଦନ ପରିବେଶ ତିଆରି କରିଛି। ଇସିଏମ୍ଏସ୍ ଯୋଜନାରେ ୨୪୯ଟି ଆବେଦନ ଆସିଛି। ଏହା ଜରିଆରେ ୧.୧୫ ଲକ୍ଷ କୋଟି ଟଙ୍କାର ନିବେଶ ହୋଇଛି। ଏସବୁ ପ୍ରକଳ୍ପ ଦ୍ୱାରା ୧୦.୩୪ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଉତ୍ପାଦନ ହେବା ସହିତ ୧.୪୨ ଲକ୍ଷ ନିଯୁକ୍ତି ସୃଷ୍ଟି ହେବା ଆଶା ରହିଛି।

ଉପକରଣ ନିର୍ମାଣ ସହିତ ଭାରତ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଅଗ୍ରଗତି ହାସଲ କରୁଛି। ଇଲକେଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୦ଟି ସେମିକଣ୍ଡକ୍ଟର ୟୁନିଟ୍‌କୁ ମଞ୍ଜୁର କରାଯାଇଛି। ସେଥିରୁ ୩ଟି ପାଇଲଟ୍ କିମ୍ବା ପ୍ରାରମ୍ଭିକ ଉତ୍ପାଦନ ପର୍ଯ୍ୟାୟରେ ରହିଛି। ଏସବୁ କମ୍ପାନି ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେଲେ ଭାରତର ମୋବାଇଲ ଫୋନ କମ୍ପାନି ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନିର୍ମାତାଙ୍କୁ ସିଧାସଳଖ ଚିପ୍ ଭାରତରୁ ମିଳିଯିବ। ଫଳରେ ଭାରତର ଆମଦାନି ନିର୍ଭରଶୀଳତା ହ୍ରାସ ପାଇବ। ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ର ଗତ ଦଶନ୍ଧିରେ ୨୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିଛି ବୋଲି ମନ୍ତ୍ରୀ କହିଛନ୍ତି। ତୃଣମୂଳ ସ୍ତରରେ ଏହା ହିଁ ବାସ୍ତବ ଅର୍ଥନୈତିକ ଅଭିବୃଦ୍ଧି । ସେମିକଣ୍ଡକ୍ଟର ଉତ୍ପାଦନ ଓ ଉପକରଣ ପରିବେଶ ବଢ଼ିଲେ ଦେଶରେ ନିଯୁକ୍ତି ସୃଷ୍ଟି ମଧ୍ୟ ବ୍ୟାପକ ହେବ ବୋଲି ସେ କହିଛନ୍ତି। ଏହା ହେଉଛି ମେକ୍ ଇନନ୍ଇଣ୍ଡିଆ ପ୍ରଭାବ। ଉତ୍ପାଦନଭିତ୍ତିକ ଅଭିବୃଦ୍ଧି ଦ୍ୱାରା ବିଶ୍ୱର ଇଲେକ୍ଟ୍ରୋନିକ୍ସ ମୂଲ୍ୟ ଶୃଙ୍ଖଳରେ ଭାରତର ସ୍ଥାନ ମଜଭୁତ ହେଉଥିବା ମନ୍ତ୍ରୀ କହିଛନ୍ତି। ୨୦୧୪-୧୫ରେ ଦେଶରେ ୨ଟି ମୋବାଇଲ ଫୋନ ନିର୍ମାଣ ୟୁନିଟ୍ ଥିବାବେଳେ ୨୦୨୪-୨୫ରେ ଏହି ସଂଖ୍ୟା ୩୦୦ରେ ପହଞ୍ଚିଛି। ଅର୍ଥାତ୍ ଏ କ୍ଷେତ୍ରରେ ୧୫୦ ଗୁଣା ବୃଦ୍ଧି ଘଟିଛି। ଦେଶରେ ବିକ୍ରି ହେଉଥିବା ୯୯.୨ ପ୍ରତିଶତ ମୋବାଇଲ ଫୋନ ଭାରତରେ ନିର୍ମିତ ବୋଲି ମନ୍ତ୍ରୀ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ସୂଚନା ଦେଇଛନ୍ତି।

# ମର୍ଯ୍ୟାଦାପୂର୍ଣ୍ଣ ଜୀବନ ସୁନିଶ୍ଚିତ କରିଥାଏ ମାନବାଧିକାର: ଡକ୍ଟର ପି.କେ ମିଶ୍ର




ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ "ଦୈନନ୍ଦିନ ଆବଶ୍ୟକତା ସୁନିଶ୍ଚିତ କରିବା ସମସ୍ତଙ୍କ ପାଇଁ ଜନସେବା ଓ ସମ୍ମାନ" ଶୀର୍ଷକ ଜାତୀୟ ସମ୍ମିଳନୀର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ନିଜର ଅଭିଭାଷଣରେ ସେ ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ବିଶ୍ୱ ମାନବାଧିକାର ଦିବସର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତରେ ନାଗରିକଙ୍କ ସମ୍ମାନକୁ ସୁରକ୍ଷିତ ରଖିବା ଏବଂ ପ୍ରୋତ୍ସାହନ ଦେବା ଲାଗି ସାମ୍ବିଧାନିକ ଆଦର୍ଶ, ଗଣତାନ୍ତ୍ରିକ ପ୍ରତିଷ୍ଠାନ ଏବଂ ସାମାଜିକ ମୂଲ୍ୟବୋଧ ମିଳିତ ଭାବେ କାର୍ଯ୍ୟ କରିଥା'ନ୍ତି ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ସେ ମାନବାଧିକାର ଉପରେ ସାର୍ବଜନୀନ ଘୋଷଣାନାମା (୧୯୪୮)ର ଧାରା ୨୫(୧)ର ସ୍ମରଣ କରିଥିଲେ। ଏହା ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟସେବା, ସାମାଜିକ ସେବା ଏବଂ ବିପଦ ସମୟରେ ସୁରକ୍ଷା ସହିତ ଯଥେଷ୍ଟ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବାର ଅଧିକାର ସୁନିଶ୍ଚିତ କରିଥାଏ। ଡକ୍ଟର ମିଶ୍ର କହିଥିଲେ, ମାନବାଧିକାର ଦିବସ କେବଳ ଏକ ଐତିହାସିକ ଘୋଷଣାର ସ୍ତୁତିଚାରଣ ନୁହେଁ ବରଂ ଏହା ମର୍ଯ୍ୟାଦାର ଜୀବନ୍ତ ଅନୁଭୂତି ଉପରେ ବିଚାର କରିବାର ଏକ ଆହ୍ୱାନ। ମାନବାଧିକାର ଦିବସର ଚଳିତ ବର୍ଷର ବିଷୟବସ୍ତୁ "ମାନବାଧିକାର, ଆମର ଦୈନନ୍ଦିନ ଆବଶ୍ୟକତା", ନାଗରିକ ଗଢ଼ି ତୋଳିବାରେ ଜନସେବା ଏବଂ ବିଭିନ୍ନ ଅନୁଷ୍ଠାନଗୁଡ଼ିକର ମହତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥାଏ ବୋଲି ସେ କହିଥିଲେ।ମାନବାଧିକାରକୁ ନେଇ ସାର୍ବଜନୀନ ଘୋଷଣାନାମା ପ୍ରସ୍ତୁତ କରିବାରେ ଭାରତର ଐତିହାସିକ ଭୂମିକାକୁ ଡକ୍ଟର ମିଶ୍ର ସ୍ମରଣ କରିଥିଲେ। ବିଶେଷ କରି ସେ ଡକ୍ଟର ହଂସା ମେହତାଙ୍କ କଥା ମନେ ପକାଇଥିଲେ, ଯିଏ ଏହି ଘୋଷଣାପତ୍ରରେ "ସବୁ ଲୋକ ସ୍ୱାଧୀନ ଏବଂ ସମାନ ଭାବେ ଜନ୍ମ ନେଇଛନ୍ତି" ବୋଲି ସୁନିଶ୍ଚିତ କରିଥିଲେ। ଏହା ଲିଙ୍ଗଗତ ସମାନତା ପାଇଁ ଏକ ନିର୍ଣ୍ଣାୟକ ପଦକ୍ଷେପ ଥିଲା। ଖାଦ୍ୟ, ଜଳ, ବାସଗୃହ, ଶିକ୍ଷା ଏବଂ ନ୍ୟାୟର ଉପଲବ୍ଧତା ଜରିଆରେ ଅଧିକାର ସୁନିଶ୍ଚିତ କରାଯିବା ଆବଶ୍ୟକ ବୋଲି ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ମାନବାଧିକାରର ବିଚାର ଏବେ ନାଗରିକ ଏବଂ ରାଜନୈତିକ ଅଧିକାର ଠାରୁ ଆଗକୁ ବଢ଼ି ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ଅଧିକାର ପର୍ଯ୍ୟନ୍ତ ପହଞ୍ଚିଲାଣି। ବର୍ତ୍ତମାନ ଏହାର ସ୍ୱରୂପ ବଦଳି ଏଥିରେ ପ୍ରଯୁକ୍ତିବିଦ୍ୟା, ପରିବେଶ, ଡିଜିଟାଲ ଅନ୍ତର୍ଭୁକ୍ତିକରଣ, ପରିବେଶ ପାଇଁ ଚିନ୍ତା ଏବଂ ନୂଆ ଦୁର୍ବଳତା ସାମିଲ ହୋଇଛି। ବର୍ତ୍ତମାନ କେବଳ ସ୍ୱାଧୀନତା ଜରିଆରେ ନୁହେଁ, ବରଂ ଗୋପନୀୟତା, ସ୍ଥାନାନ୍ତର ସୁବିଧା, ସ୍ୱଚ୍ଛ ପରିବେଶ ଏବଂ ଡିଜିଟାଲ ଅନ୍ତର୍ଭୁକ୍ତିକରଣର ଉପଲବ୍ଧତା ମାଧ୍ୟମରେ ମର୍ଯ୍ୟାଦାପୂର୍ଣ୍ଣ ଜୀବନର ମୂଲ୍ୟାଙ୍କନ କରାଯାଉଛି ବୋଲି ସେ କହିଥିଲେ।

# ନୂଆବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ନୂଆ ଆଭିମୁଖ୍ୟ



**ପୁରୀ :** ନୂଆବର୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୂଆ ଆଭିମୁଖ୍ୟ । ଶାସନ-ପ୍ରଶାସନକୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନୂଆ ଯୋଜନା। ଶାସନ-ପ୍ରଶାସନକୁ ଚଳଚଞ୍ଚଳ ଓ ଲୋକାଭିମୁଖୀ କରିବା ପାଇଁ ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଏକ ପନ୍ଦର ଦଫା ନିର୍ଦ୍ଦେଶାବଳୀ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ।

ନୂଆ ଦିଶା ନିର୍ଦ୍ଦେଶ ଓଡିଶା ଭିଜନ ଡକ୍ୟୁମେଣ୍ଟରେ ଆସନ୍ତା ଦୁଇବର୍ଷରେ ସରକାର ତାଙ୍କର ରେଖାଙ୍କିତ ଲକ୍ଷ୍ୟକୁ କିପରି ହାସଲ କରିବେ ସେଥିପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତି ଲକ୍ଷ୍ୟ ରଖିଛନ୍ତି ସରକାର । ଏହା ସହିତ ସମୃଦ୍ଧ ଓଡିଶା ଗଠନ ଏବଂ ଓଡିଶାକୁ ଶ୍ରେଷ୍ଠ ପାଞ୍ଚଟି ବିକଶିତ ରାଜ୍ୟ ମଧ୍ୟରେ ଆଣିବାକୁ ରାଜ୍ୟକୁ ଏକ 'ମିଶ୍ରିତ ଅର୍ଥନୀତି' ଆଡକୁ ନେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ତେଣୁ, ମୁଖ୍ୟମନ୍ତ୍ରୀ ଭାବେ ଜ୍ଞାନ-ପରିଚାଳିତ ଶିଳ୍ପ ତଥା ସେବା କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଇ ଏହାର ଦ୍ରୁତ ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଶିଳ୍ପାୟନର ଦ୍ରୁତ ବିକାଶ ପାଇଁ ବିଭିନ୍ନ ପ୍ରକ୍ରିୟାକୁ ଫାଷ୍ଟଟ୍ରାକ କରିବାକୁ ଏହି ନିର୍ଦ୍ଦେଶାବଳୀରେ ଗୁରୁତ୍ୱ ଆରୋପ କରାଯାଇଛି ।

ସେହିପରି ଆସନ୍ତା ଦୁଇବର୍ଷ ମଧ୍ୟରେ ଖାଲିଥିବା ସବୁ ସରକାରୀ ପଦ ପଦବୀକୁ ପୂରଣ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରିଛନ୍ତି ମୁଖ୍ୟମନ୍ତ୍ରୀ । ସରକାର ଦକ୍ଷ ଏବଂ ପ୍ରଶିକ୍ଷିତ ଅଧିକାରୀଙ୍କ ସେବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଅପାରଗ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ସେମାନଙ୍କୁ ବାଧ୍ୟତାମୂଳକ ସେବା ନିବୃତ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସବୁ ପ୍ରକାର ସରକାରୀ କାର୍ଯ୍ୟ, ବିଶେଷ ଭାବେ ନୋଟିସ, ବିଜ୍ଞପ୍ତି, ପତ୍ର ବିନିମୟକୁ କେବଳ ଓଡିଆ ଭାଷାରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଅତ୍ୟନ୍ତ ଗୁରୁତର ସହିତ ବିଚାରକୁ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟ ଠାରୁ ଆରମ୍ଭ କରି ବ୍ଲକ ଓ ତହସିଲ ସ୍ତର ପର୍ଯ୍ୟନ୍ତ ସବୁ ଅଧିକାରୀଙ୍କୁ ଲୋକଙ୍କ ଅଭିଯୋଗ ଶୁଣି ତାକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୋଗ ଶୁଣାଣି ପାଇଁ ସୋସିଆଲ ମିଡିଆକୁ ବହୁଳ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଛନ୍ତି ।

## ସମ୍ବଲପୁରରେ ନିଖିଳ ଓଡ଼ିଶା ଆଇନଜୀବୀ ସମ୍ମିଳନୀ

# ଓଡ଼ିଆରେ କୋର୍ଟ କାର୍ଯ୍ୟ ହେଲେ ଉପକୃତ ହେବେ ଲୋକ: ଧର୍ମେନ୍ଦ୍ର



**ସମ୍ବଲପୁର:** ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷାର ମାଧ୍ୟମ ମାତୃଭାଷା ହେବା ଉଚିତ। ସେହିପରି ଭାରତର ନ୍ୟାୟ ବ୍ୟବସ୍ଥାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେଲେ ଏହାକୁ ମାତୃଭାଷା ଆଧାରିତ କରିବାକୁ ହେବ। ଆମକୁ ପାଶ୍ଚାତ୍ୟ ଚିନ୍ତାଧାରାରୁ ବାହାରି ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧକୁ ଆପଣାଇବାକୁ ପଡ଼ିବ। ଓଡ଼ିଶାର ସମସ୍ତ କୋର୍ଟରେ କାର୍ଯ୍ୟକାରୀ ଭାଷା ଓଡ଼ିଆ(ମାତୃଭାଷା) ହେବା ଆବଶ୍ୟକ। ଭାଷାର ପ୍ରତିବନ୍ଧକ ଦୂର ହେଲେ ହିଁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ଉଚିତ ନ୍ୟାୟ ପାଇପାରିବେ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସୋମବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ 'ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍(ଆଓଲା)'ର ୫୪ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ମଧୁସୂଦନ ଦାସ ଧର୍ମରେ ଜଣେ ଖ୍ରୀଷ୍ଟିଆନ ହୋଇଥିଲେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧିକାର ପାଇଁ ମାମଲା ଲଢ଼ିଥିଲେ। ତାଙ୍କର ଦୂରଦୃଷ୍ଟି ଓ ଦାୟିତ୍ୱବୋଧ ଯୋଗୁଁ ଆଜି ଜଗନ୍ନାଥ ସଂସ୍କୃତି ଅକ୍ଷୁଣ୍ଣ ରହିଛି। ଆମକୁ ଆଜି ସେହିପରି ଦାୟିତ୍ୱବାନ ହୋଇ ସୁପ୍ରିମକୋର୍ଟରେ ଓଡ଼ିଆଙ୍କ ସଂଖ୍ୟା ଓ ପ୍ରଭାବ ବୃଦ୍ଧି କରିବାକୁ ହେବ। ସମ୍ମାନିତ ଅତିଥି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଲେ, 'ଆଓଲା' ପାଇଁ ଜମି ଯୋଗାଇବାରେ କୌଣସି ସମସ୍ୟା ନାହିଁ। ସବୁ ଆଇନ ସମୟ ଉପଯୋଗୀ ହେବା କଥା। ତେଣୁ, ଆଗାମୀ ଦିନରେ 'ଓଡ଼ିଶା ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଲ' ଆସିବାକୁ ଯାଉଛି। ସୁଶାସନ ପାଇଁ ଓକିଲମାନେ ସରକାରଙ୍କ ସହିତ ଅଂଶୀଦାର ହେବା ଦରକାର ବୋଲି ଶ୍ରୀ ପୂଜାରୀ କହିଥିଲେ। ମୁଖ୍ୟବକ୍ତା ଓଡ଼ିଶା ଲ' କମିସନର ଅଧ୍ୟକ୍ଷ ବିଚାରପତି ବିଶ୍ୱନାଥ ରଥ କହିଲେ, ରାଜ୍ୟରେ ଏବେ ବହୁ ଜିଲ୍ଲା ଜଜ୍ ପଦ ଖାଲି ରହିଛି। ସିଧାସଳଖ ଜିଲ୍ଲା ଜଜ୍ ପଦରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଅଭାବ ରହିଛି। ବରିଷ୍ଠ ଆଇନଜୀବୀମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ମିଳିଲେ କନିଷ୍ଠମାନେ ଏ ଦିଗରେ ଆଗକୁ ବଢ଼ିପାରିବେ। ହାଇକୋର୍ଟରେ ଖାଲିଥିବା ପଦ ପୂରଣ ହେଲେ ମକଦ୍ଦମାଗୁଡ଼ିକର ଫଇସଲା ତ୍ୱରାନ୍ୱିତ ହେବା ସହିତ ଲୋକଙ୍କୁ ଶୀଘ୍ର ନ୍ୟାୟ ମିଳିପାରିବ। ଅଯଥା ମାମଲାଗୁଡ଼ିକୁ କୋର୍ଟକୁ ନଆଣି ଉପଯୁକ୍ତ ମାମଲାଗୁଡ଼ିକ ଆଣିବାକୁ ବିଚାରପତି ଶ୍ରୀ ରଥ ଓକିଲମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଆଇନଜୀବୀମାନଙ୍କୁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ହିତ ପାଇଁ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ବିଚାରପତି ଡ. ସଞ୍ଜୀବ ପାଣିଗ୍ରାହୀ କହିଲେ, ଓକିଲମାନଙ୍କୁ ମାନବବାଦୀ ହେବାକୁ ପଡ଼ିବ। ନୂଆପିଢ଼ିର ଆଇନଜୀବୀଙ୍କୁ ଉତ୍ତମ ପରାମର୍ଶ ଲୋଡ଼ା। ସେମାନଙ୍କ ପାଇଁ ସାମାଜିକ ସୁରକ୍ଷା ଦରକାର। ଡ୍ରାଫ୍ଟିଂ ସମୟରେ 'ଏଆଇ' ବ୍ୟବହାର ଏଡ଼ାଇବା ପାଇଁ ପରାମର୍ଶ ଦେଇଥିଲେ। ବିଧାୟକ ଜୟନାରାୟଣ ମିଶ୍ର, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ସତ୍ୟନାରାୟଣ ପଣ୍ଡା ମଞ୍ଚାସୀନ ଥିଲେ। 'ଆଓଲା'ର ସଭାପତି ଶିଶିର କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସାଧାରଣ ସଂପାଦକ ପ୍ରସନ୍ନ କୁମାର ନନ୍ଦ ବିବରଣୀ ପାଠ କରିଥିବା ବେଳେ ଆୟୋଜକ ସମ୍ବଲପୁର ଓକିଲ ସଂଘର ସଭାପତି ପ୍ରଦୀପ ବହିଦାର ଅତିଥି ପରିଚୟ ଦେଇଥିଲେ। ପ୍ରଦ୍ୟୋତ ଶର୍ମା, ଅରବିନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଓମାନରେ ଭାରତୀୟ ସମୁଦାୟକୁ ସମ୍ବୋଧିତ କଲେ ମୋଦୀ



ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମସ୍କଟରେ ଭାରତୀୟ ସମୁଦାୟର ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିଛନ୍ତି। ଦର୍ଶକମାନଙ୍କ ମଧ୍ୟରେ ବିଭିନ୍ନ ଭାରତୀୟ ବିଦ୍ୟାଳୟର ୭୦୦ରୁ ଅଧିକ ଛାତ୍ରଛାତ୍ରୀ ସାମିଲ ଥିଲେ। ଚଳିତ ବର୍ଷଟି ଓମାନରେ ଥିବା ଭାରତୀୟ ବିଦ୍ୟାଳୟଗୁଡ଼ିକ ପାଇଁ ବିଶେଷ ଗୁରୁତ୍ୱ ବହନ କରେ, କାରଣ ସେମାନେ ଦେଶରେ ସେମାନଙ୍କ ପ୍ରତିଷ୍ଠାର ୫୦ ବର୍ଷ ପାଳନ କରୁଛନ୍ତି।

ସମାବେଶକୁ ସମ୍ବୋଧିତ କରି, ପ୍ରଧାନମନ୍ତ୍ରୀ ଭାରତରେ ରହୁଥିବା ପରିବାର ଏବଂ ବନ୍ଧୁମାନଙ୍କ ତରଫରୁ ସମୁଦାୟକୁ ଶୁଭେଚ୍ଛା ଜଣାଇଥିଲେ। ସେ ସେମାନଙ୍କର ଅତି ଚମତ୍କାର ଏବଂ ରଙ୍ଗାରଙ୍ଗ ସ୍ୱାଗତ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ ଓମାନରେ ବସବାସ କରୁଥିବା ଭାରତର ବିଭିନ୍ନ ଅଂଶରୁ ଲୋକଙ୍କୁ ଭେଟି ସେ ଖୁବ୍ ଆନନ୍ଦିତ, ଏବଂ ଉଲ୍ଲେଖ କରିଥିଲେ ଯେ ବିବିଧତା ହେଉଛି ଭାରତୀୟ ସଂସ୍କୃତିର ମୂଳଦୁଆ - ଏକ ମୂଲ୍ୟ ଯାହା ସେମାନଙ୍କୁ ଯେକୌଣସି ସମାଜର ଅଂଶ ହେବାରେ ସାହାଯ୍ୟ କରେ। ଓମାନରେ ଭାରତୀୟ ସମ୍ପ୍ରଦାୟକୁ କେତେ ଭଲ ଭାବରେ ସମ୍ମାନିତ କରାଯାଏ ସେ, ବିଷୟରେ କହିବାକୁ ଯାଇ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ, ସହାବସ୍ଥାନ ଏବଂ ସହଯୋଗ ଭାରତୀୟ ପ୍ରବାସୀମାନଙ୍କର ଏକ ପ୍ରମୁଖ ପରିଚୟ।

ଭାରତ ଏବଂ ଓମାନ ମାଣ୍ଡଭିରୁ ମସ୍କଟ ପର୍ଯ୍ୟନ୍ତ ପୁରୁଣା ସମ୍ପର୍କକୁ ଉପଭୋଗ କରନ୍ତି, ଯାହାକୁ ଆଜି ପ୍ରବାସୀ ଭାରତୀୟମାନେ କଠିନ ପରିଶ୍ରମ ଏବଂ ଏକତା ମାଧ୍ୟମରେ ପରିପୁଷ୍ଟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ସେ 'ଭାରତ କୋ ଜାନିୟେ' କୁଇଜରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରୁଥିବା ସମୁଦାୟକୁ ପ୍ରଶଂସା କରିଥିଲେ। ଭାରତ - ଓମାନ ସମ୍ପର୍କର କେନ୍ଦ୍ରରେ ଜ୍ଞାନ ରହିଛି ବୋଲି ଗୁରୁତ୍ୱାରୋପ କରି, ଏହି ଦେଶରେ ଭାରତୀୟ ବିଦ୍ୟାଳୟର ୫୦ ବର୍ଷ ପୂରଣ ପାଇଁ ସେ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ସମୁଦାୟର କଲ୍ୟାଣ ପାଇଁ ସମର୍ଥନ ଲାଗି ମହାମହିମ ସୁଲତାନ ହାଇଥାମ ବିନ୍ ତାରିକଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ।

ଭାରତ-ଓମାନ ସହଭାଗୀତା ଏଆଇ ସହଯୋଗ, ଡିଜିଟାଲ ଶିକ୍ଷା, ନବସୃଜନ ସହଭାଗୀତା ଏବଂ ଉଦ୍ୟୋଗୀତା ବିନିମୟ ମାଧ୍ୟମରେ ନିଜକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରୁଛି ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ ଯୁବପିଢ଼ିଙ୍କୁ ବଡ଼ ସ୍ୱପ୍ନ ଦେଖିବା, ଗଭୀର ଭାବରେ ଶିଖିବା ଏବଂ ସାହସର ସହିତ ନବସୃଜନ କରିବାକୁ ଆହ୍ୱାନ କରିଥିଲେ, ଯାହା ଫଳରେ ସେମାନେ ମାନବଜାତି ପାଇଁ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇପାରିବେ।



ଜାମସେଦପୁରରେ ୨୨ତମ ପାରସୀ ମହା ଏବଂ ଓଲ ଚିକି ଶତବାର୍ଷିକୀ ସମାରୋହରେ ଯୋଗ ଦେଲେ ରାଷ୍ଟ୍ରପତି




ଓଡ଼ିଶା ଖାଦ୍ୟ ମହୋତ୍ସବର ଉଦଯାପିତ



ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଆଉ ଏକ ଦରବାର 'ରଙ୍ଗମହଲ'ରେ ଉପସ୍ଥିତ ହେଲେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ




ରବୀନ୍ଦ୍ର ମଣ୍ଡପଠାରେ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ, ରାଜ୍ୟ ତଥା ଦେଶ ବିଦେଶର ଅନେକ ଖ୍ୟାତି ସମ୍ପନ୍ନ କଳାକାରମାନଙ୍କ ଦ୍ୱାରା ନୃତ୍ୟ କଳା ପ୍ରଦର୍ଶନ ।






ରାଉରକେଲାର ଏନଆଇଟି ପରିସରରେ ପ୍ରାୟ ୩୫ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ଇନଡୋର ସ୍ପୋର୍ଟସ କମ୍ପ୍ଲେକ୍ସକୁ ଉଦଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଓଡ଼ିଶା ମାଷ୍ଟର୍ସ ୨୦୨୫ ବ୍ୟାଡମିଣ୍ଟନ ବିଶ୍ୱ ଫେଡେରେସନ ଟୁର ସୁପର ୧୦୦ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଥିଲେ।



ହିରୋ ହକି ଇଣ୍ଡିଆ ଲିଗ୍ ପାଇଁ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ନୂତନ ଜର୍ସି ଉନ୍ମୋଚନ କରୁଛନ୍ତି ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ

# ସେବାୟତ କ୍ରିକେଟ ପ୍ରିମିୟର ଲିଗ ପ୍ରସ୍ତୁତି ବୈଠକ

ପୁରୀ: ଶ୍ରୀମନ୍ଦିର ଟ୍ରଫି ସେବାୟତ କ୍ରିକେଟ ପ୍ରିମିୟର ଲିଗ ର ଦ୍ୱିତୀୟ ସଂସ୍କରଣ ଫେବୃୟାରୀ ୨ ତାରିଖ ଠାରୁ ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ଆଜି ପୂର୍ବାହ୍ନରେ



ସର୍କିଟ ହାଉସ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏହି କ୍ରିଡା ପ୍ରତିଯୋଗିତା ଏକ ଭଲ ପଦକ୍ଷେପ ବୋଲି କହିଥିଲେ।ଏହି ଲିଗ୍ ମାଧ୍ୟମରେ ଭାଇଚାରା ଅଧିକ ବୃଦ୍ଧିମନ୍ତ ହେବା ସହ ପାରସ୍ପରିକ ସଦଭାବନା ବୃଦ୍ଧି ପାଇବ।ଏହାକୁ ନିରପେକ୍ଷ ଭାବେ ପରିଚାଳନା କରିବା,ଭଲ ଖେଳାଳୀଙ୍କୁ ଉତ୍ସାହିତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ବିସ୍ତୃତ ଆଲୋଚନା ପରେ ସର୍ବସମ୍ମତ କ୍ରମେ ସ୍ଥିର ହେଲା ଯେ ଆସନ୍ତା ଫେବୃଆରୀ ମାସ ୨ ତାରିଖ ଠାରୁ ଏହି କ୍ରିଡା ପ୍ରତିଯୋଗିତା ଅନୁଷ୍ଠିତ ହେବ।କ୍ରିଡା ରେ ବିଭିନ୍ନ ସେବାୟତ ନିଯୋଗ ଅଂଶଗ୍ରହଣ ପାଇଁ ସେମାନଙ୍କ ସମ୍ମତି ପତ୍ର ଜିଲ୍ଲା କ୍ରିଡା ଅଧିକାରୀ ଙ୍କୁ ପ୍ରଦାନ କରିବାକୁ ବରିଷ୍ଠ ସେବାୟତ ଅନନ୍ତ ତିଆଡି ସୂଚନା ଦେଇଥିଲେ।ଅଂଶଗ୍ରହଣକାରୀ ଙ୍କ ତାଲିକା ଚୁଡାନ୍ତ ହେବା ପରେ ଫିକ୍ସଚର ପ୍ରସ୍ତୁତ କରାଯିବ।ଓସିଏ ଅନୁବନ୍ଧିତ ଅଫିସିଆଲ ମାନେ ମ୍ୟାଚ ପରିଚାଳନା କରିବେ।ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ

ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, ବିନାୟକ ଦାସ ମହାପାତ୍ର, ରବିନାରାୟଣ ଦାସ,ରବି ଶଙ୍କର ପ୍ରତିହାରୀ, ମାଧବ ପୂଜାପଣ୍ଡା,ମାଧବ ମହାପାତ୍ର,ରାମ କୃଷ୍ଣ ଦାସ ମହାପାତ୍ର, କେଦାର ଖୁଣ୍ଟିଆ, ରବି ନାରାୟଣ ଗୋଛିକାର,ଜଗନ୍ନାଥ ପୂଜାପଣ୍ଡା, ଦୂର୍ଗା ଦାସମହାପାତ୍ର,ନାରାୟଣ ମହାସୁଆର, ସାଇନା ଖୁଣ୍ଟିଆ, ଅନାଥ ଦାସ ମହାପାତ୍ର ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୀ ବିଚ୍ ମାରାଥନରେ ଦୌଡ଼ିଲେ ୧୦୦୦ରୁ ଅଧିକ ପ୍ରତିଯୋଗୀ

ପୁରୀ: ଭୁବନେଶ୍ୱର ସାଇକେଲିଂ ଏବଂ ଆଡଭେଞ୍ଚର କ୍ଲବ ପକ୍ଷରୁ ପୁରୀ ବିଚ୍ ମାରାଥନ୍ ୫ମ ସଂସ୍କରଣ ଏମସିଏଲ ସହଯୋଗରେ ଏହାର ପ୍ରମୁଖ ଦୁଃସାହସିକ ଏବଂ ଏକ ଅଗ୍ରଣୀ ଉଦ୍ୟମ ଆୟୋଜନ କରିଥିଲା। ଏହି ପ୍ରକାରର ବିଚ୍ ମାରାଥନ୍ ହେଉଛି ପବିତ୍ର ପୁରୀର ବାଲୁକାମୟ ବେଳାଭୂମିରେ ମାରାଥନ୍ ଦୌଡ଼ର ଏକ ପ୍ରୟାସ। ମହିଳାମାନଙ୍କ ସମେତ ୧୦୦୦ ରୁ ଅଧିକ ଦୌଡ଼ଳୀ ଏହି ଅନନ୍ୟ ମାରାଥନରେ ସେମାନଙ୍କର ଶାରୀରିକ ଶକ୍ତିକୁ ଚ୍ୟାଲେଞ୍ଜ କରିବା ଏବଂ ମାନସିକ ପ୍ରତିବନ୍ଧକକୁ ଦୂର କରିବା ପାଇଁ ଅଂଶଗ୍ରହଣ କରିଥିଲେ।

ପୁରୀ ବିଚ୍ ମାରାଥନ୍ ୨୦୨୫ କୁ ମଙ୍ଗଳା ନଦୀର ସମୁଦ୍ର ମୁହାଣରେ ଥିବା ସାମୁକା ବେଳାଭୂମିରୁ ସଞ୍ଜୀବ ପଣ୍ଡା,ଆଇପିଏସ୍ ଅତିରିକ୍ତ ଡିଜିପି ତଥା ସଭାପତି ବିସିଏସି, ଶ୍ରୀ ଲଳିତ ଦାସ,ଆଇପିଏସ୍ (ଅବସରପ୍ରାପ୍ତ), ଶ୍ରୀ ପ୍ରତୀକ ସିଂହ (ଆଇପିଏସ୍), ଅଜୟ କୁମାର ନନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ଏବଂ ଆମେରିକା ଏବଂ ୟୁଏସ୍ଏସ୍ଆରରୁ କିଛି ପ୍ରସିଦ୍ଧ ଧାବକ ଏବଂ



ଉଦୀୟମାନ ଖେଳାଳିଙ୍କ ଏକ ବିଶାଳ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା।ଧାବକମାନେ ହୋଲ୍ଡ-ଅପ୍ ଅଞ୍ଚଳରେ ଆରମ୍ଭ ସମୟ ପୂର୍ବରୁ ରିପୋର୍ଟ କରିଥିଲେ ଏବଂ ଜୁମ୍ବା ସହିତ ପ୍ରାକ୍ ବ୍ୟାୟାମ କରିଥିଲେ।

ପୁରୀ ବିଚ୍ ମାରାଥନରେ ଦୁଇ ପ୍ରକାରର ଦୌଡ଼ ପାଠ୍ୟକ୍ରମ ଥିଲା। ହାଫ୍-ମାରାଥନ୍ ପାଠ୍ୟକ୍ରମ ମଙ୍ଗଳା ନଦୀ ସମୁଦ୍ର ମୁହଁର ସାମୁକା ବେଳାଭୂମିରୁ ବାଲି ହାରଚଣ୍ଡି ବିଚ୍ ଏବଂ ଫେରିବା ପର୍ଯ୍ୟନ୍ତ ୧୦.୫୫ କିଲୋମିଟରର ଫେରିବା ରୁଟ୍ ଭାବରେ ଡିଜାଇନ୍ କରାଯାଇଥିଲା। ୭ କିଲୋମିଟର ମଜାଦାର ଦୌଡ଼ ଅଂଶଗ୍ରହଣକାରୀମାନେ ସମାନ ଆରମ୍ଭ ବିନ୍ଦୁରୁ ଆରମ୍ଭ କରି ବାଲି ହାରଚଣ୍ଡି ଆଡ଼କୁ ୩.୫ କିଲୋମିଟର ଦୂରତା ଅତିକ୍ରମ କରିଥିଲେ ଏବଂ ଏକ ୟୁ-ଟର୍ଣ୍ଣ ନେବା ପରେ ସମାନ ଆରମ୍ଭ ବିନ୍ଦୁକୁ ଫେରିଥିଲେ। ମହିଳାମାନଙ୍କ ସମେତ ୧୦୦୦ ରୁ ଅଧିକ ଧାବକ ଏହି ଅନନ୍ୟ ବିଚ୍ ମାରାଥନରେ ଯୋଗ ଦେଇଥିଲେ ଏବଂ ସେମାନଙ୍କର ଦୃଢ଼ତା ଏବଂ ଦକ୍ଷତା ପରୀକ୍ଷା କରିଥିଲେ। ପୁରସ୍କାର ବ୍ୟତୀତ, ଅଂଶଗ୍ରହଣକାରୀ ମାନେ ସଫଳତାର ସହ ସମାପ୍ତି ପରେ ଏକ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ଫିନିସର ପଦକ, ଇଭେଣ୍ଟ ଟି-ସାର୍ଟ ଏବଂ ଡିଜିଟାଲ୍ ପ୍ରମାଣପତ୍ର ପାଇଥିଲେ।



କଳିଙ୍ଗ ଷ୍ଟାଡିୟମ୍ ଠାରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ - ୨୦୨୬ ଅନ୍ତର୍ଗତ ରାଜ୍ୟ ସ୍ତରୀୟ ଯୁବୋତ୍ସବ ସମାରୋହ ଅନୁଷ୍ଠିତ

ତମାଣ୍ଡୋଠାରେ ୨୫ ମି ଲମ୍ବ ବିଶିଷ୍ଟ ସନ୍ତରଣାଗାର କ୍ରିଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦ୍ୱାର ଶୁଭ ଉଦଘାଟିତ ହୋଇଛି ।





ଦିଲ୍ଲୀରେ ଅନୁଷ୍ଠିତ ମୁଖ୍ୟ ସଚିବମାନଙ୍କ ଜାତୀୟ ସମ୍ମିଳନୀରେ ଶାସନ ଏବଂ ସଂସ୍କାର ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ସୁଦୃଢ଼ ଆଲୋଚନା ହୋଇଥିଲା।

# ଆଭାସୀ ମାଧ୍ୟମରେ କ୍ରୀଡାବିତ ମାନଙ୍କ ସହ ବାର୍ତ୍ତାଳାପ କଲେ ପ୍ରଧାନମନ୍ତ୍ରୀ

ପୁରୀ ୨୫/୧୨ ଆଜି ପୂର୍ବାହ୍ନରେ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଆଭାସୀ ମାଧ୍ୟମରେ କ୍ରୀଡାବିତ ଙ୍କ ସହ ବାର୍ତ୍ତାଳାପ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।ଯୁବବର୍ଗ ଦେଶର ସମ୍ବଳ ଓ ସମ୍ଭାବନା।ସେମାନେ ସେମାନଙ୍କ ପ୍ରତିଭାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ।ଏହି କାର୍ଯ୍ୟକ୍ରମ ରେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଆମ ଯୁବବର୍ଗ ମାନଙ୍କୁ ସେମାନଙ୍କ ପ୍ରତିଭା ର ବିକାଶ ପାଇଁ କ୍ରୀଡା ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି କହିଥିଲେ।କ୍ରୀଡା କୁ କ୍ୟାରିଅର କରି ଆଗକୁ ବଢ଼ିବା,ଦେଶ ପାଇଁ ସୁନାମ ଆଣିବା ଓ ନିଜ ପାଇଁ ଏକ ପରିଚୟ ସୃଷ୍ଟି ପାଇଁ ସାଂସଦ ଖେଳ ମହୋତ୍ସବ ବେଶ ସହାୟକ ହେବ ବୋଲି ଡା ପାତ୍ର ଆଶା ବ୍ୟକ୍ତ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,କ୍ରୀଡାବିତ ପ୍ରମୁଖ ଯୋଗ ଦେଇଥିଲେ।



# 2026 CALENDAR

**January**

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | | | 1 | 2 | 3 |
| 4 | 5 | 6 | 7 | 8 | 9 | 10 |
| 11 | 12 | 13 | 14 | 15 | 16 | 17 |
| 18 | 19 | 20 | 21 | 22 | 23 | 24 |
| 25 | 26 | 27 | 28 | 29 | 30 | 31 |

**February**

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 8 | 9 | 10 | 11 | 12 | 13 | 14 |
| 15 | 16 | 17 | 18 | 19 | 20 | 21 |
| 22 | 23 | 24 | 25 | 26 | 27 | 28 |

**March**

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 8 | 9 | 10 | 11 | 12 | 13 | 14 |
| 15 | 16 | 17 | 18 | 19 | 20 | 21 |
| 22 | 23 | 24 | 25 | 26 | 27 | 28 |
| 29 | 30 | 31 | | | | |

**April**

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | | 1 | 2 | 3 | 4 |
| 5 | 6 | 7 | 8 | 9 | 10 | 11 |
| 12 | 13 | 14 | 15 | 16 | 17 | 18 |
| 19 | 20 | 21 | 22 | 23 | 24 | 25 |
| 26 | 27 | 28 | 29 | 30 | | |

**May**

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | | | | 1 | 2 |
| 3 | 4 | 5 | 6 | 7 | 8 | 9 |
| 10 | 11 | 12 | 13 | 14 | 15 | 16 |
| 17 | 18 | 19 | 20 | 21 | 22 | 23 |
| 24 | 25 | 26 | 27 | 28 | 29 | 30 |
| 31 | | | | | | |

**June**

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | 1 | 2 | 3 | 4 | 5 | 6 |
| 7 | 8 | 9 | 10 | 11 | 12 | 13 |
| 14 | 15 | 16 | 17 | 18 | 19 | 20 |
| 21 | 22 | 23 | 24 | 25 | 26 | 27 |
| 28 | 29 | 30 | | | | |

**July**

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | | 1 | 2 | 3 | 4 |
| 5 | 6 | 7 | 8 | 9 | 10 | 11 |
| 12 | 13 | 14 | 15 | 16 | 17 | 18 |
| 19 | 20 | 21 | 22 | 23 | 24 | 25 |
| 26 | 27 | 28 | 29 | 30 | 31 | |

**August**

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | | | | | 1 |
| 2 | 3 | 4 | 5 | 6 | 7 | 8 |
| 9 | 10 | 11 | 12 | 13 | 14 | 15 |
| 16 | 17 | 18 | 19 | 20 | 21 | 22 |
| 23 | 24 | 25 | 26 | 27 | 28 | 29 |
| 30 | 31 | | | | | |

**September**

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | 1 | 2 | 3 | 4 | 5 |
| 6 | 7 | 8 | 9 | 10 | 11 | 12 |
| 13 | 14 | 15 | 16 | 17 | 18 | 19 |
| 20 | 21 | 22 | 23 | 24 | 25 | 26 |
| 27 | 28 | 29 | 30 | | | |

**October**

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | | | 1 | 2 | 3 |
| 4 | 5 | 6 | 7 | 8 | 9 | 10 |
| 11 | 12 | 13 | 14 | 15 | 16 | 17 |
| 18 | 19 | 20 | 21 | 22 | 23 | 24 |
| 25 | 26 | 27 | 28 | 29 | 30 | 31 |

**November**

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 8 | 9 | 10 | 11 | 12 | 13 | 14 |
| 15 | 16 | 17 | 18 | 19 | 20 | 21 |
| 22 | 23 | 24 | 25 | 26 | 27 | 28 |
| 29 | 30 | | | | | |

**December**

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | 1 | 2 | 3 | 4 | 5 |
| 6 | 7 | 8 | 9 | 10 | 11 | 12 |
| 13 | 14 | 15 | 16 | 17 | 18 | 19 |
| 20 | 21 | 22 | 23 | 24 | 25 | 26 |
| 27 | 28 | 29 | 30 | 31 | | |

Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

*Edited by*
*Rajesh Kumar Mohanty*